



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୩ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 APRIL 2024
Vol.No. 35 ■ No.100 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜ୍ୟ ହେବ ଜମ୍ମୁ ଓ କଶ୍ମୀର: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୨/୪ : 'ଖୁବ୍‌ଶୀଘ୍ର ଜମ୍ମୁ ଓ କଶ୍ମୀର ରାଜ୍ୟ ମାନ୍ୟତା ଫେରି ପାଇବ। ତା'ପରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।' ଆଜି ଜମ୍ମୁ ଓ କଶ୍ମୀରର ଉଧମପୁରରେ ଏକ ନିର୍ବାଚନୀ ସଭାରେ ଯୋଗ ଦେବା ଅବସରରେ ଏହି କଥା କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଥିଲେ, ମୋଦି ଟିକେ ଦୂର ଚିନ୍ତା କରନ୍ତି। ତେଣୁ ବର୍ତ୍ତମାନ ସୁଦ୍ଧା ଯାହା ସବୁ ହୋଇଛି, ତାହା କେବଳ ଟ୍ରେଲର। ମୋତେ ନୂଆ ଜମ୍ମୁ ଓ କଶ୍ମୀର ଏକ ନୂତନ ଓ ଚମତ୍କାର ଚିତ୍ର ସୃଷ୍ଟି କରିବାରେ ନିମଗ୍ନ ହେବାକୁ ପଡ଼ିବ। ସେ ଦିନ ଆଉ ବେଶୀ ଦୂର ନୁହେଁ ଯେବେ ଜମ୍ମୁ ଓ କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଜମ୍ମୁ ଓ କଶ୍ମୀର ରାଜ୍ୟ ମାନ୍ୟତା ପାଇବ। ଆପଣମାନେ ଆପଣମାନଙ୍କ ସ୍ୱପ୍ନକୁ ନେଇ ଆପଣମାନଙ୍କ ବିଧାୟକ ଓ ମନ୍ତ୍ରୀଙ୍କ ସହିତ ଆଲୋଚନା କରିପାରିବେ। ମୋଦି ଆହୁରି କହିଥିଲେ, ଜମ୍ମୁ ଓ କଶ୍ମୀରରେ ଏଥର ଲୋକସଭା ନିର୍ବାଚନ ଆତଙ୍କବାଦ, ବିକ୍ଷୋଭ, ପଥରମାଡ଼ ଓ ସୀମା ସେପଟରୁ ଗୁଳିମାଡ଼ର ଭୟ ବିନା ହେବ। ମୋତେ ବିଶ୍ୱାସ କରନ୍ତୁ, ଗତ ୬୦ ବର୍ଷ ଧରି ଜମ୍ମୁ ଓ କଶ୍ମୀର ଯେଉଁ ସମସ୍ୟାଗୁଡ଼ିକ ଭିତରେ ରହିଛି, ମୁଁ ସେଗୁଡ଼ିକର ସମାଧାନ କରିବି। ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ଗତ ୧୦ ବର୍ଷରେ ପାଳନ କରାଯାଇଛି ଓ ରାଜ୍ୟରେ ପରିବର୍ତ୍ତନ ଆସିଛି। ଏହି ଅବସରରେ ସେ ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କଥା କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ମୁଁ ଚ୍ୟାଲେଞ୍ଜ ଦେଉଛି ଯେ ସେମାନେ ପୁଣି ଥରେ ଜମ୍ମୁ ଓ କଶ୍ମୀରରେ ଧାରା ୩୭୦ ଲାଗୁ କରି ଦେଖାନ୍ତୁ। ଏହା ସହିତ ପ୍ରଧାନମନ୍ତ୍ରୀ ଏଥର ଲୋକସଭା ନିର୍ବାଚନ ପାଇଁ ଉଧମପୁର ଓ ଜମ୍ମୁରୁ ଯଥାକ୍ରମେ ପ୍ରାର୍ଥୀ ହୋଇଥିବା ଦଳୀୟ ନେତା ଜିତେନ୍ଦ୍ର ସିଂହ ଏବଂ ଯୁଗଳ କିଶୋର ଶର୍ମାଙ୍କୁ ବିଜୟୀ କରାଇବା ପାଇଁ ସଭାରେ ଉପସ୍ଥିତ ଲୋକଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ, କେନ୍ଦ୍ରରେ ଏକ ଦୃଢ଼ ସରକାର ଗଠନ କରିବାକୁ ପଡ଼ିବ। ତା'ହେଲେ ଦେଶ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ସୂଚନାଯୋଗ୍ୟ, ଉଧମପୁର ଲୋକସଭା ଆସନ ପାଇଁ ଏପ୍ରିଲ ୧୯ ତାରିଖରେ ଭୋଟ୍ ଗ୍ରହଣ ହେବ।

# ଅଯୋଧ୍ୟା ରାମମନ୍ଦିରରେ ସଫଳ ହେଲା ସୂର୍ଯ୍ୟାଭିଷେକ ପୂର୍ବାଭ୍ୟାସ



ନୂଆଦିଲ୍ଲୀ, ୧୨/୪ : ୯ବାଲକ ରାମଙ୍କ ଲଲାଟରେ ଝଲସିଲା ଅବିସ୍ମରଣୀୟ ସୂର୍ଯ୍ୟତିଳକ। ଆସନ୍ତା ୧୭ ତାରିଖ ରାମନବମୀରେ ରାମଲାଲାଙ୍କ ସୂର୍ଯ୍ୟତିଳକ ହେବାକୁ ଥିବା ବେଳେ ଏହା ପୂର୍ବରୁ ବୈଜ୍ଞାନିକ ଉପକରଣ ସହାୟତାରେ ଏହି ପ୍ରକ୍ରିୟାର ଟ୍ରାଏଲ୍ ଚଳାଇଥିଲେ ଉଇଜଓ ରୁରକିର ବୈଜ୍ଞାନିକ ଦଳ। ତେବେ ଏହା ସଫଳ ହେବା ପରେ ସେହି ଦିବ୍ୟ ମୁହୂର୍ତ୍ତର ଦୃଶ୍ୟ ସାମ୍ନାକୁ ଆସିଛି। ଯେଉଁଥିରେ ସୂର୍ଯ୍ୟକିରଣ ସିଧାସଳଖ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କପାଳରେ ଲାଗିଥିବା ହୀରା ଓ ମାଣିକ୍ୟ ଖଚିତ ଚିତା ଉପରେ ଝଟକି ଉଠୁଛି। ଘଣ୍ଟଘଣ୍ଟା ଧ୍ୱନିରେ ପ୍ରକମ୍ପିତ ହେଉଛି ରାମମନ୍ଦିର ଗର୍ଭଗୃହ। ରାମନବନୀ ଦିନ ମଧ୍ୟାହ୍ନରେ ପ୍ରଭୁ ଶ୍ରୀରାମଙ୍କ ପ୍ରକଟ ହେବାର ସମୟ ସ୍ଥିର କରାଯାଇଛି। ସେହି ସମୟରେ ପ୍ରାୟ ୫ ମିନିଟ ଯାଏଁ ରାମଲଲାଙ୍କ ଲଲାଟରେ ୭୫ ମିଲିମିଟର ଆକାରର ଗୋଲାକାର ସୂର୍ଯ୍ୟ କିରଣ ତିଳକ ଭାବେ ଶୋଭା ପାଇବ। ଅପ୍ଟୋ-ମେକାନିକାଲ୍ ସିଷ୍ଟମରେ ସୂର୍ଯ୍ୟାଲୋକକୁ ଗର୍ଭଗୃହ ଯାଏଁ ପଠାଇବାକୁ ତୃତୀୟ ମହଲା ଉପରେ ୧୯ଟି ଗିୟର ଥିବା ଏକ ବଡ଼ ରିଫ୍ଲେକ୍ଟର ବକ୍ସ ଲାଗିଛି। ସେଠାରୁ ସୂର୍ଯ୍ୟ କିରଣ ପିତ୍ତଳ ଅଥବା ଅଷ୍ଟଧାତୁ ପାଇପ ଭିତରେ ୨ଟି ଦର୍ପଣ ଓ ୩ଟି ଲେନ୍ସ ଦେଇ ଗର୍ଭଗୃହ ଯାଏଁ ଆସିବ। ତେବେ ଓଡ଼ିଶା ପାଇଁ ଗୌରବର କଥା ହେଉଛି ଏହି ଜଟିଳ ପ୍ରକଳ୍ପର ମୁଖ୍ୟ ବିନ୍ଧାଣୀ ହେଉଛନ୍ତି ଜଣେ ଓଡ଼ିଆ ବୈଜ୍ଞାନିକ ଡକ୍ଟର ସରୋଜ ପାଣିଗ୍ରାହୀ।

# ରାଜଧାନୀରେ ପୁଣି ଲୁଟ୍: ଘରେ ପଶି କଳାକନା ବୁଲାଇଲେ ଲୁଟେରା

ଭୁବନେଶ୍ୱର, ୧୧/୦୪ (ନି.ପ୍ର): ଥମୁନି ରାଜଧାନୀରେ ଆପାର୍ଟମେଣ୍ଟରୁ ଲୁଟ୍। ଗୋଟିଏ ପରେ ଗୋଟିଏ ଆପାର୍ଟମେଣ୍ଟ ସହ ଘରକୁ ଟାର୍ଗେଟ କରୁଛନ୍ତି ଲୁଟେରା। ପାତ୍ରପଡ଼ାଠାରୁ ପାହାଳ। ଧଉଳିରୁ ନନ୍ଦନକାନନ। ସବୁଠି ମାତିଛନ୍ତି ଲୁଟେରା। ସତେ ଯେମିତି ଲୁଟେରାଙ୍କ ଚରାଭୂଇଁ ପାଲଟିଛି ପୂରା ରାଜଧାନୀ। ଲାଗୁଛି, କାହାକୁ ସେମାନଙ୍କର ଖାତିର ନାହିଁ। ଦୁଇ ଦିନ ତଳେ ପାହାଳ ଥାନା ସାଟେଲାଇଟ ସିଟିର ୪ଟି ଫ୍ଲାଟରେ ଲୁଟେରାମାନେ କଳାକନା ବୁଲାଇଥିବା ବେଳେ ଗତକାଲି ଭୋର ସମୟରେ ସେହି ଅଞ୍ଚଳର ଜୟିପୁରରେ ଶରତ ମହାନ୍ତିଙ୍କ ଘରୁ ହୋଇଛି ଲୁଟ୍। ▶▶ପୃଷ୍ଠା ୭

# ୭୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ଦୁଇ ଗିରଫ

ବାଲେଶ୍ୱର, ୧୨/୪ (ନି.ପ୍ର): ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ୫କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି ପଶ୍ଚିମବଙ୍ଗ ପୁଲିସ। ଏହି ଘଟଣାରେ ୫ଜଣ ବେପାରୀଙ୍କୁ ଗିରଫ କରିବା ସହ ଗୋଟିଏ ଟ୍ରକ ଓ ଗୋଟିଏ କାର ଜବତ କରିଛି ପୁଲିସ। ଗିରଫ ୫ଜଣଙ୍କ ମଧ୍ୟରୁ ଜଣଙ୍କ ଘର ଓଡ଼ିଶାରେ ହୋଇଥିବା ବେଳେ ଅନ୍ୟ ୪ଜଣଙ୍କ ଘର ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣାର ବୋଲି ଜଣା ପଡ଼ିଛି। ସୂଚନା ଅନୁଯାୟୀ ଗୁରୁବାର (ଗତକାଲି) ବିଳମ୍ବିତ ରାତିରେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନିପୁର ଜିଲ୍ଲା ଜାତୀୟ ରାଜପଥର ବେଲଦା ନିକଟରେ ପୁଲିସ ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଗୋଟିଏ ପିଆଜ ବୋଝେଇ ଟ୍ରକ ଓ ଗୋଟିଏ କାର ଦ୍ରୁତଗତିରେ ଯାଉଥିବା ବେଳେ ପୁଲିସ ସନ୍ଦେହରେ ଗାଡ଼ି ଗୁଡ଼ିକୁ ଅଟକାଇ ଚେକିଂ କରିଥିଲା। ଚେକିଂ ବେଳେ ଦୁଇଟି ଗାଡ଼ିରୁ ୫କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି ପୁଲିସ। ପିଆଜ ବୋଝେଇ ଟ୍ରକ ଓ ଗୋଟିଏ କାର ରେ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିଲା ଗଞ୍ଜେଇ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୫ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି। ଗଞ୍ଜେଇକୁ ଜବତ କରି ତଦନ୍ତ ଆରମ୍ଭ କରିଛି ପଶ୍ଚିମବଙ୍ଗ ପୁଲିସ।


# ନିର୍ବାଚନ ଲଢ଼ିବେନି ପ୍ରଶାନ୍ତ ଜଗଦେବ: ପତ୍ନୀ ସ୍ୱାଗତିକାଙ୍କୁ ବିଜେପି କରିପାରେ ପ୍ରାର୍ଥୀ



ଭୁବନେଶ୍ୱର, ୧୧/୦୪ (ନି.ପ୍ର): ଚିଲିକା ବିଧାୟକ ତଥା ବିଜେପି ନେତା ପ୍ରଶାନ୍ତ ଜଗଦେବ ଚଳିତଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଆଜି ଘୋଷଣା କରିଛନ୍ତି। ଶ୍ରୀ ଜଗଦେବ ନିଜେ ନିର୍ବାଚନ ନଲଢ଼ି ତାଙ୍କ ପତ୍ନୀ ସ୍ୱାଗତିକାଙ୍କୁ ବିଜେପି ଟିକେଟରୁ ପ୍ରାର୍ଥୀ କରାଇପାରନ୍ତି ବୋଲି ଜଣାପଡ଼ିଛି। ସେ ଆଜି କଡ଼ାଭାଷାରେ ବିଜେଡିକୁ ସମାଲୋଚନା କରିବା ସହ ତାଙ୍କ ବିରୁଦ୍ଧରେ କିଭଳି ଷଡ଼ଯନ୍ତ୍ର ଚାଲିଛି ତା'ର ସୂଚନା ଦେଇଛନ୍ତି। ବିଜେଡି ଆଜି ଶ୍ରୀ ଜଗଦେବଙ୍କ ବିରୁଦ୍ଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏପଟେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଜଗଦେବ କହିଛନ୍ତି ଯେ, ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ହିଞ୍ଜିଳି ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ହୋଇ ଲଢ଼ିବାକୁ ଇଚ୍ଛୁକ ଥିବା ନେଇ ଦଳକୁ କହିଥିଲି। ଯେହେତୁ ଦଳ ସେଠାରେ ତାଙ୍କୁ ପ୍ରାର୍ଥୀ କଲାନି, ତେଣୁ ସେ ଏଥର ନିର୍ବାଚନ ଲଢ଼ିବେ ନାହିଁ। ବିଜେଡି ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛି ଓ ଏସବୁ ବିଜେଡି ବିଧାୟକ ରାଜେନ୍ଦ୍ର ସାହୁ ଓ ସାଂସଦ ମାନସ ମଙ୍ଗରାଜଙ୍କୁ ଇଙ୍ଗିତରେ ହେଉଥିବା କହିଛନ୍ତି। ନବୀନ ପଟ୍ଟନାୟକ ଏବେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରୁ ଓହରି ଗଲେଣି। ▶▶ପୃଷ୍ଠା ୭

# ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ବିଆରଏସର କେ କବିତା ୩ ଦିନିଆ ସିବିଆଇ ହେପାଜତକୁ ଗଲେ

ନୂଆଦିଲ୍ଲୀ, ୧୨/୪ : ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମାର୍ଚ୍ଚ ମାସରେ ଗିରଫ ହୋଇଥିବା ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ନେତ୍ରୀ କେ କବିତାଙ୍କୁ ତିନି ଦିନ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହେପାଜତକୁ ପଠାଇ ଦିଆଯାଇଛି। ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ ଶ୍ରୀମତୀ କବିତା ଏକ 'ସାଉଥ୍ ଗ୍ରୁପ୍'ର ସଦସ୍ୟ ବୋଲି ଅଭିଯୋଗ ହୋଇଛି, ଯେଉଁମାନେ ଦିଲ୍ଲୀର ଶାସକ ଆମ୍ ଆଦମୀ ପାର୍ଟି (ଆପ୍)କୁ ମଦ ଲାଇସେନ୍ସ ପାଇଁ କୋଟି କୋଟି ଟଙ୍କା ଲାଞ୍ଚ ଦେଇଥିଲେ। ଇଡି ବିଶ୍ୱାସ କରୁଛି ଯେ ଆପ୍ ଏହି ଟଙ୍କାକୁ ନିର୍ବାଚନ ପ୍ରଚାର ପାଇଁ ଖର୍ଚ୍ଚ କରିଛି ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସମେତ ତିନି ଜଣ ବରିଷ୍ଠ ନେତାଙ୍କୁ ଏହି ମାମଲାରେ ଗିରଫ କରିଛି। ଶ୍ରୀମତୀ କବିତାଙ୍କୁ ଗତ ମାସରେ ହାଇଦ୍ରାବାଦରୁ ଗିରଫ କରାଯାଇଥିଲା – ନାଟକୀୟ ପରିସ୍ଥିତିରେ, ଯେଉଁଥିରେ ତାଙ୍କ ଭାଇ କେଟି ରାମା ରାଓ ଏବଂ ଇଡି ଅଧିକାରୀଙ୍କ ଏକ ଟିମ୍ ମଧ୍ୟରେ ଝଗଡ଼ା ହୋଇଥିଲା- ଏବଂ ଏଜେନ୍ସି ହେପାଜତକୁ ପଠାଇ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ଦିଲ୍ଲୀର ତିହାର ଜେଲରେ ବିଚାର ବିଭାଗୀୟ ହେପାଜତରେ ଥିବା ବେଳେ ସିବିଆଇ ତାଙ୍କୁ ଗିରଫ କରିଥିଲା। ତେବେ, ଦିଲ୍ଲୀ ଅବକାରୀ ନୀତି ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍)କୁ ଲାଞ୍ଚ ଦେବା ପ୍ରସଙ୍ଗରେ କେ କବିତା ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି ଓ ତଦନ୍ତରେ ସହଯୋଗ କରୁନାହାନ୍ତି ବୋଲି ଦର୍ଶାଇ ଶୁକ୍ରବାର ଦିନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ନେତ୍ରୀ କେ କବିତାଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରିବାକୁ ଅଦାଲତରେ ଆବେଦନ କରିଥିଲା।



# ଇସ୍ରାଏଲ, ଇରାନ ଗସ୍ତ କରନ୍ତୁ ନାହିଁ: ଭାରତୀୟ ନାଗରିକଙ୍କୁ କେନ୍ଦ୍ର ଦେଲା ପରାମର୍ଶ



ନୂଆଦିଲ୍ଲୀ, ୧୨/୪ : ପରବର୍ତ୍ତୀ ନୋଟିସ ଯାଏ ଭାରତୀୟମାନେ ଇସ୍ରାଏଲ ଓ ଇରାନ ଗସ୍ତରୁ ଦୂରେଇ ରୁହନ୍ତୁ ବୋଲି ଆଜି ଭାରତ ସରକାର ଗୋଟିଏ ନୋଟିସ ଜାରି କରିଛନ୍ତି। ଇରାନ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଇସ୍ରାଏଲ ଉପରେ ସିଧା ହମଲା କରିପାରେ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏପରି ନିର୍ଦ୍ଦେଶ ଜାରି କରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ମଧ୍ୟପ୍ରାଚ୍ୟରେ ଏବେ ଟେନସନ ସ୍ଥିତି ସୃଷ୍ଟି ହୋଇଛି। ତେଣୁ ଭାରତୀୟମାନେ ଇରାନ ଓ ଇସ୍ରାଏଲ ଗସ୍ତ କରନ୍ତୁ ନାହିଁ। ସେହିପରି ବର୍ତ୍ତମାନ ଇରାନ ଓ ଇସ୍ରାଏଲରେ ଥିବା ଭାରତୀୟମାନେ ସତର୍କ ରହନ୍ତୁ। ସେମାନେ ତୁରନ୍ତ ଦୂତାବାସ ସହ ଯୋଗାଯୋଗ କରି ନିଜର ପଞ୍ଜୀକରଣ କରାନ୍ତୁ। ଭାରତୀୟମାନେ ଇରାନ କିମ୍ବା ଇସ୍ରାଏଲରେ ଯାତାୟାତକୁ କମ କରିବା ସହ ଅତ୍ୟନ୍ତ ସତର୍କତା ଅବଲମ୍ବନ କରନ୍ତୁ ବୋଲି ମନ୍ତ୍ରଣାଳୟ କହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଇସ୍ରାଏଲ ଉପରେ ଇରାନ ସିଧାସଳଖ ହମଲା କରିପାରେ। ତେବେ ଇରାନ ହମଲାର ମୁକାବିଲା ପାଇଁ ଇସ୍ରାଏଲ ମଧ୍ୟ ପ୍ରସ୍ତୁତ ରହିଛି ବୋଲି ଦି ୱାଲ ଷ୍ଟ୍ରିଟ ଜର୍ଣ୍ଣାଲରେ ଖବର ପ୍ରକାଶ ପାଇଛି। ଏହି ଖବର ପରେ ଭାରତ ସରକାର ନିଜ ଦେଶର ନାଗରିକମାନଙ୍କ ଏପରି ସତର୍କ ସୂଚନା ଜାରି କରିଛନ୍ତି। ଏପ୍ରିଲ ୧ରେ ସିରିଆର ଡାମସକସରେ ଥିବା ଇରାନ ଦୂତାବସ ଉପରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ କରିଥିବା ଅଭିଯୋଗ ହୋଇଛି। ଏଥିରେ ୨ ଜଣ ଜେନେରାଲଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନି ଏଥିପାଇଁ ଇସ୍ରାଏଲ ଯେମିତି ହେଲେ ବି ଦଣ୍ଡ ପାଇବ ବୋଲି କହି ସାରିଛନ୍ତି।

# ପୂର୍ବତନ ମନ୍ତ୍ରୀ କମଳା ଦାସଙ୍କ ପରଲୋକ

ଭୁବନେଶ୍ୱର, ୧୧/୦୪ (ନି.ପ୍ର): କମଳା ଦାସ ଜନତା ଦଳରେ ଥିଲେ। ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ଗଠନ ପରେ ସେଥିରେ ଯୋଗ ଦେଇଥିଲେ। ପରେ ବିଜେଡ଼ି ଛାଡ଼ି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୨୦୧୪ ମସିହାରେ ପୁଣି କଂଗ୍ରେସ ଛାଡ଼ି ସେ ବିଜେଡିରେ ଯୋଗ ଦେଇଥିଲେ। କମଳା ଦାସ ଜନତା ଦଳ ଟିକେଟରେ ୧୯୯୦ ମସିହାରେ ଭୋଗରାଇ ବିଧାନସଭା ଆସନରୁ ନିର୍ବାଚନ ଲଢ଼ିଥିଲେ ଓ ବିଜୟୀ ହୋଇଥିଲେ। ସେ ବିଜୁ ପଟ୍ଟନାୟକଙ୍କର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ। ସେ ରାଜ୍ୟ ଶିକ୍ଷା ଓ ଯୁବ ସେବା ବିଭାଗର ମନ୍ତ୍ରୀ ଭାବେ ୨୪ ଜୁଲାଇ ୧୯୯୦ରୁ ୪ ଜାନୁଆରୀ ୧୯୯୩ ଯାଏଁ କାର୍ଯ୍ୟ କରିଥିଲେ। ଏହାପରେ ସେ ୧୫ ମାର୍ଚ୍ଚ ୧୯୯୫ ପର୍ଯ୍ୟନ୍ତ ▶▶ପୃଷ୍ଠା ୭

# ଚୈତ୍ର ନବ ରାତ୍ରର ଚତୁର୍ଥ ଦିବସରେ ଆଜି ଜଗତ ଜନନୀ ମା'ଙ୍କ କୁଷ୍ମାଣ୍ଡା ବେଶ: ଦେବୀ ପୀଠ ଚଳଚଂଚଳ

ବଲାଙ୍ଗିର, ୧୧/୪ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଦେବୀ ପୀଠ ଗୁଡିକରେ ଚୈତ୍ର ନବରାତ୍ରି ପୂଜା ଚାଲୁ ରହିଛି। ପ୍ରତ୍ୟହ ମା ଙ୍କ ଦର୍ଶନ ଓ ପୂଜା ପାଇଁ ଭକ୍ତ ମାନେ ପ୍ରତ୍ୟୁଷରୁ ଏଠାରେ ଥିବା ବିଭିନ୍ନ ଦେବୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଛନ୍ତି। ଏଠାରେ ବିଶେଷ କରି ଦୁର୍ଗା ମନ୍ଦିରରେ ହୋମ ଯଜ୍ଞ ସହିତ ଚଣ୍ଡୀ ପାଠ ଓ ଦେବୀଙ୍କ ପ୍ରତ୍ୟହ ଯଜ୍ଞରେ କର୍ତା ମାନେ ସପତ୍ନିକ ପୂଜା ସହିତ ଯଜ୍ଞରେ ବସି ଆହୁତି ଦେଉଥିବା ବେଳେ ମାନସିକ ଧାରି ମାନେ ଓପାସ ରହି ସାଧନାରେ ଲିପ୍ତ ରହୁ ଥିବା, ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିବା ବେଳେ ସମସ୍ତ ଦେବୀ ମନ୍ଦିରରେ ଆୟୋଜକଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆଜି ଚୈତ୍ର ନବରାତ୍ରୀର ଚତୁର୍ଥ ଦିବସ। ମା' ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପରେ ଦେବୀ କୁଷ୍ମାଣ୍ଡାଙ୍କୁ ପୂଜିବାର ବିଧି ରହିଛି। ମା'ଙ୍କ ଆରାଧନା ଦ୍ୱାରା ଭକ୍ତଙ୍କ ବଳ, ବୁଦ୍ଧି ବିଦ୍ୟା, ପ୍ରେମ, ଜ୍ଞାନ, ଆୟୁ, ଯଶ, ଆରୋଗ୍ୟ, ସନ୍ତାନର ସୁଖ ପ୍ରାପ୍ତ ହୋଇଥାଏ। ଶାସ୍ତ୍ର ଅନୁଯାୟୀ, ଯେତେବେଳେ ସାରା ଜଗତ ଅସ୍ତିତ୍ୱ ବିହିନ ଥିଲା, ସେହି ସମୟରେ ଦେବୀ କୁଷ୍ମାଣ୍ଡା ପୁରା ବ୍ରହ୍ମାଣ୍ଡକୁ ସଂରଚନା କରିଥିଲେ। ସୃଷ୍ଟିର ଆଦି ସ୍ୱରୂପା ଦେବୀ ହେଉଛନ୍ତି କୁଷ୍ମାଣ୍ଡା। ତାଙ୍କର ଏହି ସ୍ୱରୁପକୁ ପ୍ରଜ୍ୱଳିତ ପ୍ରଭାକର ବୋଲି କୁହାଯାଏ। ଅର୍ଥାତ ଚମକୁ ଥିବା ସୂର୍ଯ୍ୟଙ୍କ ଭଳି। ତାଙ୍କର କିରଣ ଏତେ ମାତ୍ରାରେ ପ୍ରକାଶମୟ ଯେ ଦଶ କୋଣକୁ ପ୍ରଜ୍ୱଳିତ କରିପାରିବ। ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀମାନଙ୍କ ମଧ୍ୟରେ ମା'ଙ୍କ କିରଣ ଛାଇ ହୋଇଛି। ଏହାସହିତ ସେ ଅଷ୍ଟଭୁଜା ଦେବୀ ନାମରେ ପ୍ରସିଦ୍ଧ। ତାଙ୍କ ହସ୍ତରେ ପଦ୍ମ, କମଣ୍ଡଳ, ଅମୃତପୂର୍ଣ୍ଣ କଳଶ, ଧନୁଷ, ବାଣ, ଚକ୍ର, ଗଦା ଏବଂ ଜପମାଳା ଧାରଣ କରିଥାନ୍ତି। ସାରା ଜଗତକୁ ସିଦ୍ଧି ଏବଂ ନିଧି ପ୍ରଦାନ କରୁଥିବା ଦେବୀ ହେଉଛନ୍ତି ମା' କୁଷ୍ମାଣ୍ଡା। ମା'ଙ୍କ ଏହି ବେଶ ଦର୍ଶନ କଲେ ମନର ଚଂଚଳତା ଦୂର ହେବା ସହିତ ରୋଗ ଶରୀର ଛାଡ଼ି ଚାଲିଯାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ନବରାତ୍ରିର ଚତୁର୍ଥ ଦିନରେ ମା'ଙ୍କୁ ମାଲପୁଆ ଭୋଗ ଲାଗିଥାଏ। ପ୍ରବାଦ ଅଛି, ସେ କେବଳ ସ୍ମିତ ହସଦ୍ୱାରା ସମସ୍ତ ବ୍ରହ୍ମାଣ୍ଡ ସୃଷ୍ଟି କରିଥିଲେ। ସେ ଧଳା କଖାରୁ ବା କୁଷ୍ମାଣ୍ଡକୁ ଭଲ ପାଆନ୍ତି। ତାଙ୍କର ବ୍ରହ୍ମାଣ୍ଡ ଓ କୁଷ୍ମାଣ୍ଡ ସାଥିରେ ସମ୍ପର୍କ ରହିବା ଯୋଗୁ ତାଙ୍କର ଏହି ଲୋକପ୍ରିୟ କୁଷ୍ମାଣ୍ଡା ନାମ ହୋଇଛି। ଦେବୀଙ୍କର ନିରବ ସ୍ମିତ ହସରୁ ବ୍ରହ୍ମାଣ୍ଡର ସୃଷ୍ଟି ଆରମ୍ଭ ହେଲା। ସେ ଅନ୍ତରୀକ୍ଷ ଅଣ୍ଡା ଉତ୍ପନ୍ନ କଲେ। ତାଙ୍କ ସ୍ମିତ ହସଦ୍ୱାରା ଅନ୍ଧକାର ଦୂରୀଭୂତ ହୋଇ ଏକ ନୂଆ ବ୍ରହ୍ମାଣ୍ଡ ତିଆରି ହେଲା। ଏହି ହସରୁ ଆଲୋକ ଓ ଜୀବନ ସୃଷ୍ଟି ହେଲା। ପୃଥିବୀ, ଗ୍ରହ, ନକ୍ଷତ୍ର ଓ ଆକାଶ ଗଙ୍ଗାର ସୃଷ୍ଟି ହୋଇଥିଲା। ଜୀବ ଜଗତ ବଂଚିବା ନିମନ୍ତେ ସୂର୍ଯ୍ୟ ଦରକାର ହେଲା। ତେଣୁ ସେ ସୂର୍ଯ୍ୟ ଓ ଶକ୍ତି ସୃଷ୍ଟି କଲେ ଓ ଜୀବ ଜଗତ ବଂଚି ରହିବା ନିମନ୍ତେ ଶକ୍ତି ଓ ଆଲୋକ ଦେଲେ। ତାଙ୍କର ଶକ୍ତି ପାଇ ସୂର୍ଯ୍ୟ ଶକ୍ତିଶାଳୀ ହେଲେ।

# କେମ୍ ପକ୍ଷରୁ ଶହେ ମିନିଟ୍‌ର ଗଳ୍ପ ଆସର ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର): ଦ୍ରୁତ ବେଗରେ ଗତିଶୀଳ ସାମ୍ପ୍ରତିକ ଜୀବନଧାରା ଗପର ଭାବ ବିନ୍ୟାସ ଓ କଳେବରକୁ କ୍ରମଶଃ ଶାଣିତ, ସଂକ୍ଷିପ୍ତ ଓ ସ୍ୱଳ୍ପଭାଷୀ କରିବାକୁ ବାଧ କରୁଛି। ଏହି ମର୍ମରେ କଳା, ସଂସ୍କୃତି ଓ ବୌଦ୍ଧିକତାର ବିକାଶ ନିମନ୍ତେ କାର୍ଯରତ ପ୍ରତିବଦ୍ଧ ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଂଟ ମ୍ୟାନେଜର୍ସ ତରଫରୁ ମାଧପୁର ସ୍ଥିତ ପୂନର୍ବାସ ପରିସରରେ ଶହେ ମିନିଟ୍‌ର ଗଳ୍ପ ଆସର ଅନୁଷ୍ଠିତ ହୋଇଯାଇଛି। 'ସମୟ କପୋତର କ୍ଷିପ୍ର ଉଡ଼ାଣରେ ଗପ ପାଲଟୁଥିବା କିଛି ଚଳମାନ ଛାଇର ଘୁଟୁର...ଘୁ' ଶିରୋନାମାରେ ଏହି ସଂକ୍ଷିପ୍ତ ଗପର ଆସରକୁ ବିଶଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟଙ୍କ ସଂଚାଳନରେ ଆମ ସମୟର ଉଭୟ ପ୍ରବୀଣ ଓ ତରୁଣ ଦଶଜଣ ଗାଳ୍ପିକ ସ୍ୱରଚିତ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ସର୍ବପ୍ରଥମେ ବିଶିଷ୍ଟ ଗାଳ୍ପିକ ଜ୍ଞାନରଂଜନ ନାୟକ ତାଙ୍କର ରାକ୍ଷୀ ଗଳ୍ପ ପାଠ କରିଥିଲେ। ଏହାପରେ ପ୍ରଦୀପ ନାୟକଙ୍କ ଗଳ୍ପ- ମାଂସର ଜୀବନ, ମାତୃଦତ ମହାନ୍ତିଙ୍କ ପକ୍ଷ, ଡକ୍ଟର ବିରଜା ରାଉତରାୟଙ୍କ ମେଲାଘର, ଆନନ୍ଦ କୁମାର ମାଇତିଙ୍କ ହାରାମି, ଅବନ୍ତୀ ବେହେରାଙ୍କ ବାଉଡି, ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ବାପା ତୁମେ ମଣିଷ ହେବନି, ବଂଶୀଧର ମହାନ୍ତିଙ୍କ ଅଶୁଭ ଫଗୁଣ, ସ୍ୱପ୍ନାଂଶୁ କୁମାର ଦାସଙ୍କ ତଥାପି ସମ୍ଭବ, ଲିଜା ପଣ୍ଡାଙ୍କ ଭାବନା ଓ କଥାକାର ତାପସ ରାଉତ ପ୍ରଭୃତିଙ୍କ ଗଳ୍ପ ପାଠ ହୋଇଥିଲା। ପଠିତ ଗଳ୍ପଗୁଡ଼ିକ ସେମାନଙ୍କ ଆବେଦନରେ ସମକାଳୀନ ଜୀବନବୋଧକୁ ଚିତ୍ରୟିତ କରିବାରେ ସମର୍ଥ ହୋଇ ପାରିଛନ୍ତିବୋଲି ସମୀକ୍ଷକ ଭାବେ ଯୋଗଦେଇ ବିଶିଷ୍ଟ ଗାଳ୍ପିକା ଅନ୍ନପୂର୍ଣ୍ଣା ମହାନ୍ତି, ଅଧ୍ୟାପକ ତପନ କୁମାର ପତି, ଅଧ୍ୟାପକ ଡକ୍ଟର ଆଶୁତୋଷ ରାଉତ ପ୍ରମୁଖ ମତପୋଷଣ କରିଥିଲେ। ଶେଷ ପର୍ଯ୍ୟାୟରେ ରଣାଧୀର ଜେନା ଓ ରଂଜନ ବାଇ ପାଠକୀୟ ପ୍ରତିକ୍ରିୟାରେ ଅଂଶଗ୍ରହଣ କରିଥିଲେ। କେମ୍ ତରଫରୁ ଶେଷ ଦେବ ପ୍ରସାଦ ଦାସ, ଶିବ ଚରଣ ସାମଲ ଓ ସରୋଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତୀୟ ଜନତା ପାର୍ଟି ପଡ଼ିଆ ଓ ମାଲାଭରମ ମଣ୍ଡଳର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ

ମାଲକାନଗିରି, ୧୧/୪ (ନି.ପ୍ର): ଭାରତୀୟ ଜନତା ପାର୍ଟି ପଡ଼ିଆ ମଣ୍ଡଳର ଏକ ନୁତନ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟନ କରାଯାଇଥିଲା।ଉଦଘାଟନ ପୁର୍ବରୁ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ପଡ଼ିଆ ଛକ୍ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ମାଲକାନଗିରି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମୀ, ପୁର୍ବତନ ବିଧାୟକ ମୁକୁନ୍ଦ ସୋଡି, ବିଧାନସଭା ସଂଯୋଜକ ନିହାର ରାୟ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରତନ ବଣିକ, ଗଙ୍ଗାଧର ସୋଡି, ମଣ୍ଡଳ ସଭାପତି ପି ଭେଙ୍କଟେଶ୍ୱର ରାଓ, ବିଧାୟକ ପ୍ରତିନିଧି ବାଲାୟା ଏବଂ ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ଅନ୍ୟାନ୍ୟ ପଦାଧିକାରୀ ଓ ପଡ଼ିଆ ମଣ୍ଡଳର ଆଠଗୋଟି ପଂଚାୟତର ଶତାଧିକ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକର୍ତା ମାନଙ୍କର ଉତ୍ସାହକୁ ଦେଖି ଆଗାମୀ ୨୦୨୪ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ୍ ଇଞ୍ଜିନର ସରକାର ଗଠନ ହେବା ନିଶ୍ଚିତ ବୋଲି ସମସ୍ତ ନେତୃବୃନ୍ଦ ମାନେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ପି ଭେଙ୍କଟେଶ୍ୱର ରାଓଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା। ସେହିପରି କାଲିମେଲା ବ୍ଲକ ଏମଭି ୭ ୯ ଛକ୍ ନିକଟରେ ଭାରତୀୟ ଜନତା ପାର୍ଟି ମାଲାଭରମ ମଣ୍ଡଳର ଏକ ନୂତନ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟନ କରାଗଲା। ଉଦଘାଟନ ପୁର୍ବରୁ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ଏମଭି ୭୯ ଛକ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା କରାଯାଇଥିଲା।

# ଆପ୍‌ର ଅଭିଯୋଗ: ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଚାହୁଁଛି ବିଜେପି




ନୂଆଦିଲ୍ଲୀ, ୧୨/୪ : ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ବିଜେପି ପ୍ରୟାସ କରୁଛି ବୋଲି ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ଆତିଶୀ ଆଜି ଏହି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଆମକୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅରବିନ୍ଦ କେଜ୍ରିୱାଲଙ୍କ ସରକାରକୁ ଭାଙ୍ଗି ଦେବାକୁ ଏକ ରାଜନୀତିକ ଷଡ଼ଯନ୍ତ୍ର ଚାଲିଛି। ଏକ ମିଛ ମାମଲାରେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି। ବିନା କୌଣସି ପ୍ରମାଣରେ ତାଙ୍କୁ ଗିରଫ କରାଯାଇଛି। କାରଣ ଏହା ପଛରେ ରହିଛି ଏକ ଷଡ଼ଯନ୍ତ୍ର। ଦିଲ୍ଲୀର ନିର୍ବାଚିତ ସରକାରକୁ ଭାଙ୍ଗି ଦେବାକୁ ହୋଇଛି ଷଡ଼ଯନ୍ତ୍ର। ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ବେଆଇନ ହେବ। ଏହା ଲୋକ ମତ ବିରୋଧରେ ଯିବ। ଲୋକେ ଆପ୍ ଉପରେ ଭରସା କରିଛନ୍ତି। ଆଉ ଦିଲ୍ଲୀ ବିଧାନସଭାରେ ଆପ୍ ନିଜର ବହୁମତ ସାବ୍ୟସ୍ତ କରିଛି। ଯଦି ଅତୀତର କିଛି ଘଟଣାକୁ ଆମେ ଦେଖିବା, ତା'ହେଲେ ଏହା ସ୍ପଷ୍ଟ ଭାବେ ଦେଖାଯାଉଛି ଯେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଚାଲିଛି। ଆତିଶୀ କହିଛନ୍ତି, ଦିଲ୍ଲୀରେ କୌଣସି ଅଫିସରଙ୍କୁ ନିଯୁକ୍ତି ଦିଆଯାଉନି। ଦିଲ୍ଲୀରେ କୌଣସି ଅଫିସରଙ୍କୁ ବଦଳି କରାଯାଉନାହିଁ। ନିର୍ବାଚନ ତାରିଖ ଘୋଷଣା ହେବା ପରଠୁ ଅଫିସରମାନେ ବୈଠକକୁ ଆସୁନାହାନ୍ତି। ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବଙ୍କୁ ବାହାର କରିଦେବା ମଧ୍ୟ ଷଡ଼ଯନ୍ତ୍ରର ଏକ ଅଂଶ। ଅନ୍ୟପକ୍ଷରେ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛି। ଦଳୀୟ ମୁଖପାତ୍ର ହରିଶ ଖୁରାନା କହିଛନ୍ତି, ଆପ ପ୍ରତିଦିନ ନୂଆ ନୂଆ କାହାଣୀ ତିଆରି କରୁଛି। ଏହା ମଧ୍ୟ ସେଗୁଡ଼ିକ ମଧ୍ୟରୁ ଗୋଟିଏ, ଯାହା କେବଳ ଲୋକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ହୋଇପାରେ। ସେମାନେ ଅଭିଯୋଗ କରୁଛନ୍ତି ଯେ ଦିଲ୍ଲୀରେ ଅଫିସରମାନଙ୍କୁ ନିଯୁକ୍ତି କରାଯାଉନାହିଁ। କିନ୍ତୁ ଗତ ସେପଟେମ୍ବରରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ଉପ-ରାଜ୍ୟପାଳଙ୍କୁ ଭେଟି ନଥିଲେ। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ସେ ଏବେ ତିହାର ଜେଲ୍‌ରେ ଅଛନ୍ତି। ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନାହାନ୍ତି। ଜେଲ୍‌ରୁ ଥାଇ ସେ ସରକାର ଚଳାଉଛନ୍ତି।

# ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ ରୋକିବାକୁ ପଦକ୍ଷେପ, ସିଂହଦ୍ୱାରରେ ରହିବେ ପ୍ରତିହାରୀ ସେବକ



ପୁରୀ, ୧୧/୪ (ନି.ପ୍ର): ବିଭିନ୍ନ ସମୟରେ ଅଣହିନ୍ଦୁମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖାଯାଉଛି। ନିକଟ ଅତୀତରେ ମଧ୍ୟ ଏଭଳି ଖବର ଆସିଛି। ଅଣହିନ୍ଦୁ ପ୍ରବେଶକୁ ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବେ ଏକ ପଦକ୍ଷେପ ନେଇଛି। ଶ୍ରୀମନ୍ଦିରର ସିଂହଦ୍ୱାରରେ ପ୍ରତିହାରୀ ସେବକମାନଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି।

୧୪ ତାରିଖରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ପଡୁଥିବା ବେଳେ ସେହିଦିନଠାରୁ ଏହି ବ୍ୟବସ୍ଥା ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ସକାଳେ ଦ୍ୱାର ଫିଟା ସମୟରେ ଓ ସନ୍ଧ୍ୟା ଆରତି ବେଳେ ଦୁଇ ଜଣ ଲେଖାଏଁ ପ୍ରତିହାରୀ ସେବାୟତ ସିଂହଦ୍ୱାର ସମ୍ମୁଖରେ ମୁତୟନ ହେବେ। ପରବର୍ତ୍ତୀ ସମୟରେ ପୂରା ଦିନରୁ ରାତି ପର୍ଯ୍ୟନ୍ତ ପ୍ରତିହାରୀ ସେବାୟତମାନଙ୍କୁ ମୁତୟନ କରାଯିବ। ପ୍ରତିହାରୀ ନିଯୋଗ ସଂପାଦକ ରାମନାରାୟଣ ଗୋଚ୍ଛିକାର କହିଛନ୍ତି, ପୂର୍ବରୁ ସିଂହଦ୍ୱାର ପ୍ରତିହାରୀ ସେବା ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାହା ବନ୍ଦ ହୋଇଯାଇଥିଲା। କେବଳ ରଥଯାତ୍ରା ବେଳେ ସାମୟିକ ଭାବେ ଏହି ସେବା କରାଯାଉଥିଲା। ଏବେ ଏହି ସିଂହଦ୍ୱାର ପ୍ରତିହାରୀ ସେବାକୁ ପୁନଃପ୍ରଚଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ପ୍ରଶାସନ ଓ ପ୍ରତିହାରୀ ନିଯୋଗ ମଧ୍ୟରେ ଆଲୋଚନା ହୋଇଛି। ମଝିରେ ମଝିରେ ଶ୍ରୀମନ୍ଦିରରେ ଅଣହିନ୍ଦୁମାନେ ପଶି ଯାଉଛନ୍ତି। ଅଣହିନ୍ଦୁମାନଙ୍କୁ କେବଳ ସେବାୟତମାନେ ହିଁ ଚିହ୍ନଟ କରିପାରୁଛନ୍ତି। ଅଣହିନ୍ଦୁମାନଙ୍କୁ ଚିହ୍ନଟ କରିବାରେ ମନ୍ଦିର ସୁରକ୍ଷା ଦାୟିତ୍ୱରେ ନିଯୁକ୍ତ ପୁଲିସ୍ ଓ ଅନ୍ୟ ସୁରକ୍ଷାକର୍ମୀଙ୍କୁ ଟିକେ କଷ୍ଟ ହେଉଛି। କିନ୍ତୁ ପ୍ରତିହାରୀ ସେବାୟତମାନେ ସଙ୍ଗେ ସଙ୍ଗେ ଅଣହିନ୍ଦୁମାନଙ୍କୁ ଚିହ୍ନଟ କରିପାରିବେ।

# ଗ୍ରୁପ ଡି ଚାକିରି ନିମନ୍ତେ ଆଶାୟୀଙ୍କୁ ଆଶା ନିରାଶ କରୁଛି ଅଧିକୃତ ଏଜେନ୍ସି

କନ୍ଧମାଳ, ୧୧/୪ (ନି.ପ୍ର): ଶିକ୍ଷିତ ଯୁବକ ଯୁବତୀମାନେ ବର୍ତମାନ ସମୟରେ ଚାକିରି ଖଣ୍ଡେ ପାଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିବାବେଳେ ଯେ କୌଣସି ଜାଗାରେ ଯଥା ସରକାରୀ ହେଉ କିମ୍ବା ବେସରକାରୀ ସଂସ୍ଥା ହେଉ ବିଜ୍ଞପ୍ତି ବାହାରିବା ମାତ୍ରେ ଆବେଦନ କରିଥାନ୍ତି। ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଖାଲିଥିବା ଗ୍ରୁପ ଡି ପଦବୀଗୁଡ଼ିକ ପୂରଣ କରିବା ପାଇଁ ଏଜେନ୍ସିମାନଙ୍କ ଜରିଆରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବିଜ୍ଞପ୍ତି ବାହାର କରାଯାଇଥାଏ। ଏଜେନ୍ସିମାନେ ଟେଣ୍ଡର ପାଇଲା ପରେ ସରକାରୀ ନୀତି ନିୟମ ଅନୁଯାୟୀ ପଦବୀଗୁଡ଼ିକୁ ପୂରଣ କରିଥାନ୍ତି ହେଲେ ଆବେଦନ କରିଥିବା ଟେଣ୍ଡରକାରୀମାନଙ୍କ ମଧ୍ୟରୁ ଯେଉଁ ସଂସ୍ଥା ଟେଣ୍ଡର ନପାଇଥାନ୍ତି ସେମାନେ ପାଇଥିବା ଟେଣ୍ଡର ସଂସ୍ଥା ନାମରେ ବିଭିନ୍ନ ଅଭିଯୋଗ କରି ବାହାରିଥିବା ପଦବୀଗୁଡ଼ିକୁ ରଦ୍ଦ କରିବା ପାଇଁ ଚେଷ୍ଟା କରୁଛନ୍ତି। ଫଳରେ ଆବେଦନକାରୀ ଶିକ୍ଷିତ ଯୁବକ ଯୁବତୀମାନେ କାମ ନପାଇ ହଇରାଣ ହୋଇଥାନ୍ତି। ସୂଚନା ଥାଉକି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୁପ ଡି ଚାକିରୀ ପାଇଁ ଟେଣ୍ଡର ବିଜ୍ଞପ୍ତି ବାହାରିଥିଲା। ବିଜ୍ଞପ୍ତି ପ୍ରକାଶ ପରେ କିଛି ଏଜେନ୍ସି ଟେଣ୍ଡର ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରତ୍ୟୁଷ ଏଜେନ୍ସି ଲଟେରୀରେ ପାଇଥିଲେ। ଗୃପ୍ ଡ଼ି ଚାକିରୀ ପାଇଁ ସର୍ବମୋଟ ୫୧ଟି ପୋଷ୍ଟର ନିଯୁକ୍ତି ପ୍ରତ୍ୟୁଷ ଏଜେନ୍ସି ଦ୍ୱାରା କରାଯିବା ପାଇଁ କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପତ୍ର ରହିଛି। ପ୍ରକାଶ ଥାଉକି ପ୍ରତ୍ୟୁଷ ଏଜେନ୍ସିର ସୁପରଭାଇଜର ଭାବରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଂଚଳର ଲିଙ୍ଗରାଜ ସାହୁ, କାର୍ଯ୍ୟରତ ଅଛନ୍ତି। ସେ କନ୍ଧମାଳରେ ଦୀର୍ଘ ୫ ବର୍ଷ ହେଲା ଆଉଟ୍ ସୋର୍ସିଙ୍ଗ ଜରିଆରେ ନିର୍ମଳ ଯୋଜନାରେ କାମକରି ଆସୁଛନ୍ତି। ଜିଲ୍ଲାର ବିଭିନ୍ନ ମେଡିକାଲଗୁଡ଼ିକରେ ଏହି ଏଜେନ୍ସି ଦ୍ୱାରା ନିଯୁକ୍ତି ଦେଇଅଛନ୍ତି। ପ୍ରତ୍ୟୁଷ ଏଜେନ୍ସି ଫୁଲବାଣୀରେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କୁ ମାସର ଠିକ୍ ସମୟରେ ଦରମା ପ୍ରଦାନ କରୁଥିବା ପାଇଥିବା କର୍ମଚାରୀମାନଙ୍କ ଠାରୁ ଶୁଣିବାକୁ ମିଳିଛି।

# ବେଙ୍ଗାଲୁରୁ କାଫେ ବିସ୍ଫୋରଣ ଘଟଣାର ଦୁଇ ମାଷ୍ଟରମାଇଣ୍ଡ ଗିରଫ



ବେଙ୍ଗାଲୁରୁ , ୧୨/୪ : ବେଙ୍ଗାଲୁରୁ କାଫେ ବିସ୍ଫୋରଣ ଘଟଣାର ଦୁଇ ମାଷ୍ଟରମାଇଣ୍ଡ ଗିରଫ। କର୍ଣ୍ଣାଟକ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶର ଏକାଧିକ ସ୍ଥାନରେ ଚଢାଉ କରିବା ପରେ ଶେଷରେ ଆଜି ଉଭୟଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଏନଆଇଏ ଟିମ୍। ଦୀର୍ଘ ଏକ ମାସ ହେବ ଏନଆଇଏ ଟିମକୁ ଚକମା ଦେଇ ଚାଲିଥିଲେ ଦୁଇ ଅଭିଯୁକ୍ତ ମୁସାବୀର ହୁସେନ ଶାଜେବ ଏବଂ ଅବଦୁଲ ମାଥୀନ ତାହା। ଉଭୟଙ୍କ ନାଁରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା। ଏକାଧିକ ରାଜ୍ୟରେ ଚଢାଉ ସତ୍ତ୍ୱେ ଏମାନଙ୍କ ସନ୍ଧାନ ପାଉନଥିଲା ଅନୁସନ୍ଧାନକାରୀ ସଂସ୍ଥା। ଶେଷରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତେଲାଙ୍ଗାନା ଏବଂ କେରଳର କେନ୍ଦ୍ରୀୟ ଗୁପ୍ତଚର ଏଜେନ୍ସି ଓ ପୁଲିସର ମିଳିତ ଅପରେସନ ପରେ ଉଭୟଙ୍କୁ ଗିରଫ କରାଯାଇଥିବା ଜାତୀୟ ଅନୁସନ୍ଧାନକାରୀ ସଂସ୍ଥା କହିଛି। ଆଜି ସକାଳେ ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରରେ ଚଢାଉ କରି ଉଭୟଙ୍କ ସନ୍ଧାନ ପାଇଥିଲା ଏଜେନ୍ସି। ଏହାପରେ ସାମଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଶେଷରେ ଗିରଫ କରିଛି। ଏହି ମାମଲାରେ ପୂର୍ବରୁ ମୁଜାମିଲ ଶରିଫ ମଧ୍ୟ ଗିରଫ ହୋଇଥିଲା। ସେ ଶାଜବ ଏବଂ ତାହାକୁ ସହଯୋଗ କରିଥିବା ଏନଆଇ କହିଛି। ପ୍ରକାଶ ଥାଉ କି, ମାର୍ଚ୍ଚ ୧ରେ ବେଙ୍ଗାଲୁର କାଫେରେ ଆଇଇଡି ବିସ୍ଫୋରଣ ଘଟିଥିଲା। ସୌଭାଗ୍ୟବଶତଃ ଏଥିରେ କେହି ମୃତହାତ ହୋଇନଥିଲେ। କିନ୍ତୁ ୧୦ ଜଣ ଆହତ ହୋଇଥିଲେ। କିଏ ଏବଂ କେଉଁ କାରଣରୁ କାଫେରେ ବିସ୍ଫୋରଣ ଘଟାଇଥିଲା, ତା'ର ପର୍ଦ୍ଦାଫାସ ପାଇଁ ଏନଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା।ମାର୍ଚ୍ଚ ୩ରୁ ଘଟଣାର ତଦନ୍ତ କରୁଛି ଏନଆଇଏ।

# ଉତରାଂଚଳ ରାଜସ୍ୱ ଆୟୁକ୍ତ ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କେନ୍ଦୁଝର ଜିଲ୍ଲାଗସ୍ତ: ଆସନ୍ତା ସାଧାରଣ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା

କେନ୍ଦୁଝର, ୧୧/୪ (ନି.ପ୍ର): ଉତରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀଯୁକ୍ତ ଶ୍ରୀକାନ୍ତ ପୃଷ୍ଟି ଏବଂ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ସାହୁ ଶୁକ୍ରବାର କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି ନିର୍ବାଚନ ଗୁରୁ ଦାୟିତ୍ୱ ତୁଲାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ, ପଶ୍ଚିମାଂଚଳ ଡ଼ିଆଇଜି ଶ୍ରୀ ନୀତି ଶେଖର, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯଦୁମଣି ମହଲା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଓ କେନ୍ଦୁଝର ଲୋକସଭା ଅନ୍ତର୍ଗତ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ତଥା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ ସମସ୍ତ ନୋଡାଲ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ବାଚନ ପ୍ରସ୍ତୁତି ନେଇ ସୂଚନା ପ୍ରଦାନ କରିଥିଲେ। ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକୀୟ ପ୍ରସ୍ତୁତିରେ ଯେପରି କୌଣସି ତ୍ରୁଟି ନ ହୁଏ ତାହା ତଦାରଖ କରିବା, ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନିର୍ବାଚନ ଆଚରଣବିଧିକୁ କଡାକଡି ପାଳନ କରିବା ଉପରେ ରାଜସ୍ୱ ଆୟୁକ୍ତ ଶ୍ରୀ ପୃଷ୍ଟି ଓ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ସାହୁ ଜୋର ଦେଇ ଜିଲ୍ଲାରେ ଅବାଧ, ନିରପେକ୍ଷ, ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଜନସାଧାରଣଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏହା ସହିତ ଭୋଟ ଗ୍ରହଣ କେନ୍ଦ୍ର ଗୁଡିକରେ ପାନୀୟ ଜଳ, ପରିମଳ ବ୍ୟବସ୍ଥା, ଆବଶ୍ୟକ ଶୌଚାଳୟ ସୁବିଧା ସହ ବିଜୁଳି ଆଲୋକ ବ୍ୟବସ୍ଥା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଗତ ନିର୍ବାଚନରେ ଯେଉଁ ସବୁ ବୁଥରେ ଭୋଟ ହାର କମ ଥିଲା ସେସବୁଥିରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭୋଟଦାନ ପାଇଁ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରି ଯେପେରି କେହି ମଧ୍ୟ ଏହି ଭୋଟଦାନ ପ୍ରକ୍ରିୟାରୁ ବାଦ ନପଡ଼ନ୍ତି ତାହା ନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନା ବୈଠକ ପୂର୍ବରୁ ରାଜସ୍ୱ ଆୟୁକ୍ତ ଶ୍ରୀ ପୃଷ୍ଟି ଇଭିଏମ୍ ସଂରକ୍ଷିତ କେନ୍ଦ୍ର ପରିଦର୍ଶନ କରି ସେଠାରେ ଥିବା ସମସ୍ତ ମେସିନ୍‌ର କାର୍ଯ୍ୟକାରିତା ଏବଂ ଏହାର ପ୍ରେରଣ ବ୍ୟବସ୍ଥାର ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲା ପ୍ରଶାସନର ନିର୍ବାଚନୀ ପରିଚାଳନାରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ପୃଷ୍ଟି ବୈଠକରେ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ପ୍ରଶାସନ ସହିତ ଉତମ ସମନ୍ୱୟ ରଖି ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇବାକୁ ପରାମର୍ଶ ଦେଇଥିଲେ।

# ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସପ୍ତମ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୧/୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଦେଫୁରସ୍ଥିତ ସରସ୍ୱତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସପ୍ତମ ପ୍ରଧାନ ଶିକ୍ଷକ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ କାଦମ୍ବିନୀ ନାୟକ ଏହି ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଏବଂ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ଜଗନ୍ନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରତିକାନ୍ତ ସେନାପତି, ଇନ୍ଦୁପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏହି ସମ୍ମିଳନୀରେ ବିଦ୍ୟାଳୟ ସ୍ତରରେ କ୍ଲବ ଗଠନ, ୟୁଡାଇସେଟ୍ ଏଂଟ୍ରି, ବିଦ୍ୟାଳୟ ପାଠାଗାରରେ ମୁକ୍ତ ପୁସ୍ତକ ବ୍ୟାଙ୍କ ଓ ୫-ଟି ହାଇସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ଭୂମିକା ପ୍ରଭୃତି ବିଷୟ ଉପରେ ଆଲୋଚନା କରାଯାଇଥଲା। ଏହି ସମ୍ମିଳନୀରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସମ୍ମିଳନୀର ଆବଶ୍ୟକତା ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହିତ କିଭଳି ଆସନ୍ତା ଗ୍ରୀଷ୍ମ ଅବକାଶରେ ହ୍ୱାଟ୍ସଆପ୍ ଓ ଗୁଗୁଲ୍ ମିଟ୍, ଜୁମ୍ ଆପ୍ ମାଧ୍ୟମରେ ଅନ୍‌ଲାଇନ ଶିକ୍ଷାଦାନ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ପ୍ରଧାନ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ।

# ଉତ୍କଳୀୟ ନବବର୍ଷ : ମହାବିଷୁବ ସଂକ୍ରାନ୍ତି

ବିପିନ ବିହାରୀ ମହାନ୍ତି



ସୂର୍ଯ୍ୟସ୍ଥିର। ସୂର୍ଯ୍ୟ ଚାରିପଟେ ପୃଥିବୀ ଘୁରୁଛି ଅଥଚ ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ଆମେ ସୌରବର୍ଷ ଗଣନା କରୁଛୁ। ସୂର୍ଯ୍ୟଙ୍କର ଅବାସ୍ତବ ଗତିପଥକୁ ସୌର ପଥ କୁହନ୍ତି। ଏହି ପଥ ସଂପୂର୍ଣ୍ଣ ବୃତ୍ତାକାର ନ ହୋଇ ଉପବୃତ୍ତାକାର ବା ଅଣ୍ଡାକାର ଅଟେ। ଏହି ଅଣ୍ଡାକାର ପଥ ରାଶି ଦୃଷ୍ଟିରୁ ବାର ଭାଗ ଅଟନ୍ତି ଏବଂ ପଦ ଦୃଷ୍ଟିରୁ ଚାରିପଦ ଅଟନ୍ତି। ଏମାନେ ବିଷ୍ଣୁପଦ ଭାବେ ନାମିତ। ଏହି ପଦଗୁଡ଼ିକ ମାର୍ଚ୍ଚ ୨୧, ଜୁନ୍ ୨୧, ସେପ୍ଟେମ୍ବର ୨୩ ଏବଂ ଡ଼ିସେମ୍ବର ୨୨ ସହିତ ସମ୍ପର୍କିତ। ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ଦିନ ସୂର୍ଯ୍ୟ ବିଷୁବ ପଦ ବା ବିଷୁବ ରେଖାଉପରେ ଅବସ୍ଥାନ କରୁଥିବାରୁ ଏହି ଦିନ ପୃଥିବୀର ସର୍ବତ୍ର ଦିବାରାତ୍ର ସମାନ ରୁହେ। ଅର୍ଥାତ୍ ସୂର୍ଯ୍ୟ ସକାଳ ୬ଟାରେ ଉଦୟ ହୋଇ ସଂଧ୍ୟା ୬ଟାରେ ବୁଡ଼ନ୍ତି। ମାର୍ଚ୍ଚ ୨୧ ତାରିଖକୁ ବାସନ୍ତୀକା ବିଷୁବ ବା ମହାବିଷୁବ କୁହାଯାଏ କାରଣ ଏହା ପ୍ରାୟତଃ ବସନ୍ତ ଋତୁରେ ପଡ଼େ। ସେପ୍ଟେମ୍ବର ୨୩କୁ ଶାରଦୀୟ ବା ଜଳ ବିଷୁବ କୁହନ୍ତି। ମହାବିଷୁବ ବା ଜଳବିଷୁବ ନିରକ୍ଷ ବୃତ୍ତ ଏବଂ କ୍ରାନ୍ତିବୃତ୍ତର ଗୋଟିଏ ଗୋଟିଏ ଛେଦବିନ୍ଦୁ। କ୍ରାନ୍ତି କହିଲେ ଗ୍ରହମାନଙ୍କର ଗତିପଥକୁ ବୁଝାଏ।

ମାର୍ଚ୍ଚ ୨୧ ତାରିଖ ଠାରୁ ସୂର୍ଯ୍ୟଙ୍କର ବିଷୁବ ରେଖାରୁ ଉତ୍ତର ଦିଗକୁ ଗତିହୁଏ ଏବଂ ଜୁନ୍ ୨୧ରେ ଯେଉଁ କାଳ୍ପନିକ ବିନ୍ଦୁ ଉପରେ ଅବସ୍ଥାନ କରନ୍ତି ତାକୁ କର୍କଟ କ୍ରାନ୍ତି କୁହନ୍ତି। ସେହିଠାରୁ ପୁଣି ଦକ୍ଷିଣାୟନ ଗତି ଆରମ୍ଭ ହୁଏ ବିଷୁବ ରେଖା ଆଡ଼େ ଏବଂ ସେପ୍ଟେମ୍ବର ୨୩ରେ ସୂର୍ଯ୍ୟ ପୁନର୍ବାର ବିଷୁବ ରେଖା ଉପରେ ଅବସ୍ଥାନ କରନ୍ତି ଓ ପୁନର୍ବାର ଦିନରାତି ସର୍ବତ୍ର ସମାନ ରୁହେ। ଏହା ପରଠୁ ପୁଣି ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଡିସେମ୍ବର ୨୨ ଯାଏଁ। ତୁଳା ସଂକ୍ରାନ୍ତି ଦିନ ଠାରୁ ପୁଣି ସୂର୍ଯ୍ୟଙ୍କର ଫେରନ୍ତା ଗତି ବିଷୁବ ରେଖାକୁ ଏବଂ ୨୧ ମାର୍ଚ୍ଚ ଦିନ ପୁନଶ୍ଚ ଦିବାରାତ୍ର ସମାନ।

ସଂକ୍ରାନ୍ତି ଘରକୁ ଧରି ୧୨ ରାଶିକୁ ୪ଭାଗରେ ବିଭକ୍ତ କରାଯାଇଛି। ଯଥା ବିଷୁବ : ମେଷ ଓ ତୁଳା, ଅୟନ : କର୍କଟ ଓ ମକର , ଷଡ଼ଶୀତି : ମିଥୁନ, କନ୍ୟା, ଧନୁ ଓ ମୀନ, ଏବଂ ବିଷ୍ଣୁପଦୀ : ବୃଷ, ସିଂହ, ବିଛା ଓ କୁମ୍ଭ। 'ଅୟନ' କହିଲେ ନିର୍ଦ୍ଦିଷ୍ଟ ବିନ୍ଦୁର କୌଣସି ସ୍ଥାନକୁ ଗତି। ଜୁନ ୨୧ରେ ସୂର୍ଯ୍ୟ କର୍କଟ କ୍ରାନ୍ତି ଓ ଡିସେମ୍ବର ୨୨ରେ ମକର କ୍ରାନ୍ତି ଉପରେ ଅବସ୍ଥାନକରନ୍ତି। ଏହି ଦିନଗୁଡ଼ିକରେ ଯଥାକ୍ରମେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ଦିନବଡ଼ ଏବଂ ବିପରୀତ କ୍ରମେ ଗତି ଅବସ୍ଥାନ ନେଇ ରାତି ଛୋଟ।

ସଂକ୍ରାନ୍ତି ଏକ ପବିତ୍ର ଦିବସ। ଏହିଦିନ ବ୍ରତ, ଉପବାସ ଏବଂ ଦାନ ଧର୍ମ କଲେ ପୁଣ୍ୟଫଳ ମିଳେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ସବୁ ସଂକ୍ରାନ୍ତି ଅପେକ୍ଷା ମହାବିଷୁବ ସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂର୍ଯ୍ୟପୂଜନର ଏକ ମାହେନ୍ଦ୍ର ମୁହୂର୍ତ୍ତ। ଆମେ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରୁ :

ହେ ସୂର୍ଯ୍ୟଦେବ! ଆଜି ଉଦୟ ହେବା ସଂଗେ ସଂଗେ ଆପଣ ଆମକୁ ନିଷ୍ପାପ କରି ଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆଦ୍ୟମିନ୍ (ଦାତା)! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ୍! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ।

ଭାସ୍କରାୟ ବିଦ୍ମହେ ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ ପ୍ରଚୋଦୟାତ୍। (ଗାୟତ୍ରୀ)

ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉତ୍ତରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘଣ୍ଟ ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବ ନିୟନ୍ତା ସର୍ବ ପ୍ରାଣ ଏବଂ ସର୍ବକର୍ତ୍ତା ମହିମମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ ! କି ମନ୍ଦିର! କି ହିନ୍ଦୁଗୃହ ଚଳ ଚଞ୍ଚଳ ହୋଇଉଠେ। ନୂତନ ପୋଷାକ ପରିଧାନ ପୂର୍ବକ ଆମେ ତାଙ୍କୁ ସ୍ୱାଗତ କରୁ।

ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀ ମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କଞ୍ଚା ଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍‌ମିସ୍, ସାକରକନ୍ଦ ଏବଂ ଅନେକ କିଛି । ଏହିଦିନ ସାଂଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସଂଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଂଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ।

ପଦ୍ମପୁରାଣ , ସ୍କନ୍ଦ ପୁରାଣ, ମତ୍ସ୍ୟ ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଜ୍ୟୋତି ଏବଂ ଆୟୁର୍ବେଦ ଶାସ୍ତ୍ରମାନଙ୍କରେ ମଧ୍ୟ ମହାବିଷୁବ ସଂକ୍ରାନ୍ତିର ପ୍ରଶସ୍ତିଗାନ କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ଚିକିତ୍ସା ସଂପର୍କରେ ଲେଖାଅଛି :

ମସୁରଂ ନିମ୍ବପତଂ ଚ
ଯୋଇଭି ମେଷଗତେରବୌ
ଅତି ରୋଷାନ୍ୱିତସ୍ତସ୍ୟ
ତକ୍ଷକଃ କିଂ କରିଷ୍ୟତି॥

ଅର୍ଥାତ୍ ମେଷ ସଂକ୍ରାନ୍ତି (ମହାବିଷୁବ) ଦିନ ସମପରିମାଣ ମସୁର ଓ ନିମ୍ବପତ୍ର ଚୋବାଇ ଖାଇଲେ, ବର୍ଷେଯାଏ ବିଷାକ୍ତ ସର୍ପର ଦଂଶନକୁ ରୋକିବାର ଶକ୍ତି ଲାଭ ହୁଏ।

ମହାବିଷୁବ (ବାସନ୍ତୀକା) ସଂକ୍ରାନ୍ତିକୁ ଓଡ଼ିଶାରେ ପଣାସଂକ୍ରାନ୍ତି, ବଙ୍ଗଳାରେ ଚୈତ୍ର ସଂକ୍ରାନ୍ତି, ଉତ୍ତର ଭାରତରେ .... ସଂକ୍ରାନ୍ତି, କେରଳରେ ବିଷୁ, ପଞ୍ଜାବରେ ବୈଶାଖୀ, ମଣିପୁରରେ ଚୈରୋବା, ତାମିଲ ନାଡୁରେ ମୋଷାଡି ଇତ୍ୟାଦି ନାମରେ ପାଳିତ ହୁଏ।

ଓଡ଼ିଶା ନବବର୍ଷ ଏହି ସଂକ୍ରାନ୍ତି ଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜିପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କର ସଂପର୍କ ଏକାକାର ହେତୁ ଓଡ଼ିଶାରେ ନିଆଁରେ ଚାଲିବା ଝାମୁଯାତ୍ରା, ଦଣ୍ଡନୃତ୍ୟ, ଘଣ୍ଟ ପାଟୁଆ ଏଂ ଆଦିବାସୀ ପରମ୍ପରାରେ 'କେଡ଼' ଓ ଝଙ୍ଗଡ଼ି ପର୍ବ ସାନ୍ତାଳମାନଙ୍କର ପାଟ ପର୍ବ ଓ ଶିକାର ପର୍ବ ଇତ୍ୟାଦି ସୂର୍ଯ୍ୟଙ୍କ ସମର୍ପିତ ପର୍ବ। ଏହା ଓଡ଼ିଶାର ପରମ୍ପରା ଓ ସଂସ୍କୃତିର ଏକ ଆନନ୍ଦ ଓ ଉଲ୍ଲାସର ଦିନ ତଥା ହିନ୍ଦୁମାନଙ୍କର ଏକ ମହାନ ପର୍ବ।

ଅଧ୍ୟକ୍ଷ. ଓଡ଼ିଶା ଭାଷା ସଂରକ୍ଷଣ
ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ଜଟଣୀ
ମୋ : ୯୯୩୮୩୪୪୧୩୮

# ଉଲ୍ଲାସ ଜନଜୀବନରେ ମହାବିଷୁବ ସଂକ୍ରାନ୍ତି

ଯଶସ୍ୱିନୀ ପଟ୍ଟନାୟକ



ଭାରତୀୟ ସଂସ୍କୃତିରେ ଜୀବନର ପ୍ରତ୍ୟେକ କ୍ଷଣ ପର୍ବ, ଉତ୍ସବ ଏବଂ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ । ଏହି ପର୍ବ ସମ୍ପୂର୍ଣ୍ଣ ସଂସ୍କୃତିକୁ ନେତୃତ୍ୱ ଦେଇଥାଏ । ଜନଜୀବନରେ ଉଲ୍ଲାସ ଭରିଦିଏ । ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ଏକତା ସୃଷ୍ଟିକରେ । ମିଳିତ ଭାବରେ ଆନନ୍ଦ ଉଲ୍ଲାସରେ ସମସ୍ତେ ମାତି ଯାଆନ୍ତି । ଖୁସୀ ମନାନ୍ତି । କାରଣ ମନୁଷ୍ୟ ସର୍ବଦା ଆନନ୍ଦର ସନ୍ଧାନୀ । ତାର ସ୍ୱରୂପ ମଧ୍ୟ ସଚ୍ଚିଦାନନ୍ଦ । ପର୍ବର ଅର୍ଥ ସନ୍ଧିକାଳ । ହିନ୍ଦୁପର୍ବ ସାଧାରଣତଃ ସନ୍ଧି ସମୟରେ ପଡ଼ିଥାଏ । ପୂର୍ଣ୍ଣିମା ଅମାବାସ୍ୟା ଇତ୍ୟାଦି ସୂର୍ଯ୍ୟ ସଂକ୍ରମଣରେ ପରିବର୍ତ୍ତନ ହେବାରୁ ସଂକ୍ରାନ୍ତି ମଧ୍ୟ ବଡ଼ ପର୍ବରୂପରେ ପାଳନ କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହେଉଥିବାରୁ ସେ ଦିନ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭୋଗ, ପୂଜା, ହୋମ ଇତ୍ୟାଦି କରାଯାଏ । ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ ଏବଂ ସୃଷ୍ଟିରେ ସକଳ ଜୀବଜନ୍ତୁ ଓ ବୃକ୍ଷଲତା ତାଙ୍କ ଦ୍ୱାରା ଜୀବନ ଧାରଣ କରୁଥିବାରୁ ହିନ୍ଦୁଧର୍ମରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ ।

ମହାବିଷୁବ ସଂକ୍ରାନ୍ତି ହିନ୍ଦୁ ଧାର୍ମିକ ପରମ୍ପରାରେ ଏକ ବିଶିଷ୍ଟ ପର୍ବ । ଏହି ପର୍ବ ଆମର ସାମାଜିକ, ଆଧ୍ୟାତ୍ମିକ ଏବଂ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ବିଶ୍ୱାସ କରାଯାଏ । ଓଡ଼ିଶା ସମେତ ଭାରତବର୍ଷର ଏକାଧିକ ଅଞ୍ଚଳରେ ଏହାକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ । ଯେଉଁ ଯେଉଁ ସଂପ୍ରଦାୟ ଏହାକୁ ପାଳନ କରନ୍ତି, ସେମାନେ ଏହାକୁ ବର୍ଷର ପ୍ରଥମ ଦିନ ଭାବେ ଗ୍ରହଣ କରିଛନ୍ତି । ଓଡ଼ିଶାରେ ଏହାକୁ କୁହାଯାଏ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି । ଏହା ହେଉଛି ଓଡ଼ିଆ ନବବର୍ଷର ପ୍ରଥମ ଦିନ । ଏହି ଦିନ ନୂଆ ପାଞ୍ଜି ଗ୍ରହଣ କରାଯାଏ । ଜ୍ୟୋର୍ତିବିଜ୍ଞାନ ଅନୁଯାୟୀ ମହାବିଷୁବ ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୁଏ । ସୂର୍ଯ୍ୟ, ବିଷୁବ ରେଖା ଉପରେ ଅବସ୍ଥାନ କରି କର୍କଟକ୍ରାନ୍ତି ଆଡ଼କୁ ଗମନ କରନ୍ତି । ଗ୍ରୀଷ୍ମ ଋତୁରେ ଜଳର ଅଭାବ ହୋଇଥାଏ । ତେଣୁ ଜଳଦାନକୁ ଶ୍ରେଷ୍ଠ ଦାନବୋଲି ବିଚାର କରି ପଣାସଂକ୍ରାନ୍ତି ଠାରୁ ପଥିକର ତୃଷ୍ଣା ନିବାରଣ ନିମିତ୍ତ ଜଳଛତ୍ର କରାଯାଏ । ଏହିଦିନ ପ୍ରତି ଗୃହରେ ତୁଳସୀ ଚଉରା ଉପରେ ଘଡ଼ିରେ ପାଣି ଦିଆଯାଏ । ଯଦ୍ୱାରା ତୁଳସୀ ବୃକ୍ଷ ଜଳପାଇ ବଞ୍ଚିରହିବ । ତୁଳସୀ ଗଛଟିକୁ ବଞ୍ଚାଇ ରଖିବାର ପଛରେ ଗୋଟିଏ ସୁନ୍ଦର ତତ୍ତ୍ୱ ନିହିତ ଅଛି । ସଂସାରରେ ଯେତେ ତରୁ-ତୃଣ ଅଛନ୍ତି ସମସ୍ତଙ୍କୁ ତ ବଞ୍ଚାଇ ହେବନି, ତେଣୁ ଅନ୍ତତଃ ଛୋଟିଆ ଗଛ ତୁଳସୀକୁ ପାଣିଟୋପାଏ ଦେଇ ବଞ୍ଚାଇ ରଖିବା ଉଚିତ୍ । ତା'ଛଡ଼ା ତୁଳସୀ ଗଛକୁ ଆମେ ଦେବତା ଭାବରେ ପୂଜାକରୁ ଏବଂ ତୁଳସୀ ଆମର ଅନେକ ଉପକାରରେ ଆସିଥାଏ ମଧ୍ୟ । ତେଣୁ ଯେତେ ବଡ଼ ବଡ଼ ଗଛଲତା ପ୍ରାଣୀ ସମୂହ ଅଛନ୍ତି ସମସ୍ତଙ୍କୁ ଜଳ ଯୋଗାଇ ନପାରିଲେ ନାହିଁ, ବରଂ ଆମେ ସବୁଦିନ ସକାଳୁ ସଂଜଯାଏ ଯୋଉ ତୁଳସୀର ଦର୍ଶନ ପାଉ ସେଇ ତୁଳସୀକୁ ବଞ୍ଚାଇ ରଖିବାକୁ ଏ ସୁବ୍ୟବସ୍ଥା କରିଥାଉ । ଚଉରା ଉପରେ ନଡ଼ିଆପତ୍ର ଡାଳ ଦେଇ ଛାମୁଣ୍ଡିଆ ତିଆରିକରୁ ପୁଣି ପାଣି ମଧ୍ୟ ଦେଇଥାଉ । ପଣାସଂକ୍ରାନ୍ତି ଠାରୁ ବାୟୁର ଗତି ପ୍ରଖର ହୁଏ । ଅଗ୍ନିଓ ବାୟୁର ପ୍ରକୋପରୁ ରକ୍ଷାପାଇବା ନିମନ୍ତେ ହନୁମାନଙ୍କୁ ପ୍ରାର୍ଥନା କରି ତାଙ୍କ ଜୟନ୍ତୀ ପାଳନ କରାଯାଏ । ସୂର୍ଯ୍ୟ କର୍କଟ କ୍ରାନ୍ତିରେ ରହରହିବାରୁ ସୂର୍ଯ୍ୟଙ୍କର ତାପ ପ୍ରଖର ହୁଏ । ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କର କିରଣ ବୃଦ୍ଧି ହୋଇଥାଏ । ଏହି ସମୟରେ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ବେଲପଣା ଭୋଗ କରାଯାଏ । ବେଲ ଗ୍ରୀଷ୍ମଋତୁର ଫଳ ଏବଂ ବେଲରେ ମଧ୍ୟ ବହୁ ଔଷଧୀୟଗୁଣ ରହିଛି । ଗ୍ରୀଷ୍ମରେ ବେଲପଣା ପିଇଲେ ଅଂଶୁଘାତ, ବଦହଜମି ଭଳି ଗୁରୁତ୍ୱପୂର୍ଣ୍ଣରୋଗ ହୁଏନାହିଁ । ହେଲେ ଆଜିକାଲି ଅନେକ ଲୋକ ଅଛନ୍ତି ବେଲପଣା ବଦଳରେ ଥଣ୍ଡାପାନୀୟ ଗ୍ରହଣ କରନ୍ତି । ପୁନଶ୍ଚ ପଣା ସହିତ ଗ୍ରୀଷ୍ମ ଋତୁର ଯୋଗାଇବା, ନିରୋଗ ରଖିବା ସହିତ ମାନସିକ ସ୍ତରରେ ଶାନ୍ତି ମଧ୍ୟ ପ୍ରଦାନ କରିଥାଏ । ହେଲେ ଆଜି ଅନେକ ଲୋକ ତେଲଛଣା ଜିନିଷକୁ ପସନ୍ଦ କରନ୍ତି । ଫଳରେ ଏ ସବୁ ଖାଦ୍ୟ ସ୍ୱାସ୍ଥ୍ୟ ହାନୀର କାରଣ ହୋଇଥାଏ । ଖରାଦିନିଆ ଫଳରେ ପ୍ରସ୍ତୁତ ପଣା ଓ ଛତୁଆ ଶରୀରକୁ ନିରୋଗ ରଖିଥାଏ । ତେଣୁ ବୋଧହୁଏ ଏହି ସଂକ୍ରାନ୍ତିର ଅନ୍ୟନାମ ପଣାସଂକ୍ରାନ୍ତି । ପଣ୍ଡିତମାନଙ୍କର ମତରେ ଏହି ଦିନ ହନୁମାନଙ୍କୁ ପୂଜାର୍ଚ୍ଚନା କଲେ ସୂର୍ଯ୍ୟ ଓ ପବନ ଦେବତା ସନ୍ତୁଷ୍ଟ ହେବେ ଓ ଜନସମାଜ ଖୁସିରେ ରହିବେ । ପଞ୍ଜାବ ଏବଂ ହରିୟାଣାରେ ମଧ୍ୟ ଏହା ବର୍ଷର ପ୍ରଥମ ଦିନ । ସେମାନେ ଏହି ଦିନରେ ପାଳନ୍ତି ବୈଶାଖୀ । ଅହମୀୟଙ୍କ ପାଇଁ ଏହା ବୋହାଗ ବିହୁ ବା ହାଟ ବିହୁ ଏବଂ ବାଙ୍ଗଲା ଭାଷୀଙ୍କ ପାଇଁ ପଏଲା ବୈଶାଖୀ । ବିହାରୀ, ତାମିଲ ଓ କେରଳୀ ପରମ୍ପରାରେ ଏହା ଯଥାକ୍ରମେ ବୈଶାଖ ପୁଥାଣ୍ଡୁ ଓ ବିଷୁ । ମିୟାଁମାର, କାମ୍ବୋଡ଼ିଆ, ଲାଓସ, ନେପାଳ, ସିଂହଳ ଓ ଥାଇଲାଣ୍ଡରେ ମଧ୍ୟ ଏହା ପାଳିତ ହେଉଥିବା ଜଣାଯାଏ । ଏହି ଅବସରରେ ବିଭିନ୍ନ ସଂପ୍ରଦାୟ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ପୂଜା କରୁଥିବା ପ୍ରକାଶ । ଓଡ଼ିଶାରେ ଏହାକୁ ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି । ବିଷୁବରେ ବିହାରରେ ସୂର୍ଯ୍ୟପୂଜା, ପଶ୍ଚିମବଙ୍ଗରେ ମହାଲକ୍ଷ୍ମୀ ଓ ଶ୍ରୀଗଣେଶ, କେରଳରେ ଶ୍ରୀକୃଷ୍ଣ ଏବଂ ଆସାମରେ ଗୋପୂଜନ ହେଉଛି ପରମ୍ପରା । ପଞ୍ଜାବ ହରିୟାଣାରେ ଏହା କୃଷି ପର୍ବ । ନାନକଶାହୀ କ୍ୟାଲେଣ୍ଡର ଅନୁଯାୟୀ ପ୍ରତି ବର୍ଷ ଏପ୍ରିଲ ୧୩ ତାରିଖରେ ବୈଶାଖୀ ପାଳନ କରାଯାଏ । ବିଷୁବ ସଂକ୍ରାନ୍ତି ବୌଦ୍ଧଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି ଦିନରେ ଗୌତମ ବୁଦ୍ଧଙ୍କୁ ନିର୍ବାଣପ୍ରାପ୍ତ ହୋଇଥିଲା । ୧୮୭୫ ମସିହା ଏହି ଦିନରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ ।

ପ୍ରତ୍ୟେକ ସଂକ୍ରାନ୍ତି ବ୍ରତରେ ସୂର୍ଯ୍ୟଙ୍କର ପୂଜା କରାଯାଏ । ଶାସ୍ତ୍ରରେ ଅଛି ଯେଉଁମାନେ ଏ ବ୍ରତ ପାଳନ କରନ୍ତି ସେମାନଙ୍କର ଆୟୁ, ଯଶ, ସମ୍ମାନ ବୃଦ୍ଧି ହୁଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରତ୍ୟେକ ମନୁଷ୍ୟ ବ୍ରହ୍ମରନ୍ଧ୍ର ଦେଇ ସୂର୍ଯ୍ୟଙ୍କ ସହିତ ଯୁକ୍ତ । ତେଣୁ ମୃତ୍ୟୁ ସମୟରେ ଏହିବାଟ ଦେଇ ଗଲେ ତାର ପୁନର୍ଜନ୍ମହୁଏନା । ତେଣୁ ମହାବିଷୁବ ସଂକ୍ରାନ୍ତି ବିଶେଷ କରି ଉତ୍କଳର ଏକ ବିଶିଷ୍ଟ ପର୍ବରୂପେ ପରିଚିତ ।

+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ
ସ୍କୁଲ, ସେକ୍ଟର-୮, ସିଡିଏ,
କଟକ

# ଭକ୍ତ କୁଳ ତିଳକ ହନୁମାନ ଜୀ କି ଜୟ!

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଛଳରେ ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ। ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ। ସତ୍ୟଯୁଗ ମୋର ମନେହୁଏ ବଞ୍ଚିବା ଓ ବଢ଼ିବାର ଯୁଗ। ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା। ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ। ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ। ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ। ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି। ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ। ସତ୍ତା ଓ ପ୍ରବୃତ୍ତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍। ପ୍ରବୃତ୍ତିପରାମୃଷ୍ଟତା ଯୋଗୁଁ ସତ୍ତାର ଜ୍ୟୋତି କ୍ଷୀଣ ହୋଇଉଠେ। ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ। ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୁରନ୍ତ ଲାଳସା। ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ। ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ୍ତ ସମସ୍ତ କାର୍ଯ୍ୟ କରିଛନ୍ତି। ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା। ତାଙ୍କର ଇତର ଅହଂକାର ନଥିଲା। ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା। ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି। ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା। ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ। ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ଅନୁରାଗ ସଂପନ୍ନ ଭକ୍ତ କରି ଉଠାଏ। ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ। ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ। ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା। ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି। ଭକ୍ତି ସହକାରେ କହିଥିଲେ - ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ। ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ। ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା। କୁଳମାଲିକ ପରବ୍ରହ୍ମ ଶ୍ରୀ ଶ୍ରୀ ଠାକୁର ପୁଣି କହିଛନ୍ତି - ଭକ୍ତବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିଥିଲେ ତାଙ୍କର ବ୍ୟକ୍ତିଗତ କାମନା, ବାସନା ଓ ମନ୍ତ୍ରୀ ହେବା ପାଇଁ କିନ୍ତୁ ପ୍ରଭୁଙ୍କର ଅପାର କୃପା ଓ ହନୁମାନଙ୍କର ଅହେତୁକ ଭକ୍ତି ଯୋଗୁଁ ସମସ୍ତ କାମନା ବାସନା ଭକ୍ତି ଅଗ୍ନିରେ ନିର୍ବାପିତ ହେଲା ଓ ଭକ୍ତକୁଳତିଳକ ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହିସାବରେ ପରିଗଣିତ ହେଲେ। ପ୍ରଭୁ ରାମଚନ୍ଦ୍ରଙ୍କୁ ସୁଖୀ କରିବା, ତାଙ୍କର ମୁହଁରେ ହସ ଫୁଟାଇବା, ତାଙ୍କ ଇଚ୍ଛା ପରିପୂରଣ କରିବା ଛଡ଼ା ଅନ୍ୟ କୌଣସି ଚାହିଦା ଭକ୍ତ ହନୁମାନଙ୍କର ନଥିଲା। ଏହି ପଥରେ ଆତ୍ମ ନିୟନ୍ତ୍ରଣ, ଭଗବାନ ଲାଭ, ସୁଖ ଓ ଶାନ୍ତି, ଆନନ୍ଦ, ଜୟ, ଯଶ, ଐଶ୍ୱର୍ଯ୍ୟ, ସାଫଲ୍ୟ ଓ ସାର୍ଥକତା ସବୁକିଛି ହନୁମାନଙ୍କ କରତଳଗତ ହୋଇଉଠିଥିଲା ଓ ସେ ଅଷ୍ଟସିଦ୍ଧି ଓ ନବନିଧିର ଦାତା ହୋଇଉଠିଥିଲେ। କୁରୁକ୍ଷେତ୍ର ସମରରେ ଭଗବାନ କ୍ରୀଷ୍ଣ ଭକ୍ତବୀର ଅର୍ଜୁନଙ୍କୁ ଗୀତାର ମାହାତ୍ମ୍ୟ ବୁଝାଇଥିବା ସମୟରେ ଭକ୍ତକୁଳତିଳକ ହନୁମାନ ସେହି ରଥର ଶିଖରରେ ବସିଥିଲେ ଓ ସେହିରଥକୁ କପିଧ୍ୱଜ କୁହାଯାଏ। ଆଜି ପବିତ୍ର ହନୁମାନ ଜୟନ୍ତୀରେ ପରମ ଭକ୍ତ ହନୁମାନଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ସମଗ୍ର ମାନବ ସମାଜକୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଉର୍ଜ୍ଜୀଭକ୍ତିର ପରମ୍ପରାକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଜୟଶ୍ରୀ ରାମ। ଜୟ ଶ୍ରୀ ହନୁମାନ।

+ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ: ୯୩୩୮୧୦୦୮୩୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ରାମ ବନାମ କାମ...

ଅଷ୍ଟାଦଶ ଲୋକସଭା ନିର୍ବାଚନ ଆଉ ମାତ୍ର ଅଳ୍ପ କେତେଟା ଦିନ ପରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥିପାଇଁ ସବୁ ରାଜନୀତିକ ଦଳ, ନେତା ନେତ୍ରୀ, ମତଦାତା, ନିର୍ବାଚନ କମିଶନ- ସମସ୍ତେ ଜୋରସୋର୍ ପ୍ରସ୍ତୁତି ଚଳାଇଛନ୍ତି । ନିର୍ବାଚନ କମିଶନ ଅଠର ବର୍ଷ ବୟସରେ ପାଦ ଦେଇଥିବା ନୂଆ ପିଢ଼ିର ମତଦାତାମାନଙ୍କୁ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଲେଣି ତ ନେତା ନେତ୍ରୀ ଦଳ ବଦଳ ଓ ପ୍ରାର୍ଥୀ ଚୟନ ସହିତ ଇସ୍ତାହାର ପ୍ରକାଶନରେ ବ୍ୟାପୃତ । ଏଇ ନିର୍ବାଚନ ହେଉଛି ନାଗରିକମାନଙ୍କ ନିମନ୍ତେ ସରକାରଙ୍କ ବିଗତ ପାଞ୍ଚ ବର୍ଷର ପ୍ରଦର୍ଶନ ସହିତ ଏହା ଭବିଷ୍ୟତ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ଆକଳନ କରିବାର ଏକ ସୁଅବସର ; ଏହା ମଧ୍ୟ ଏକ ସୁଅବସର ଦେଶର ବ୍ୟାପାରଗୁଡ଼ିକରେ ବିରୋଧୀମାନେ ତୁଲାଇବାକୁ ଯାଉଥିବା ଏକ ବିଶାଳ ଭୂମିକା ପାଇଁ ସେମାନଙ୍କ ସାମର୍ଥ୍ୟକୁ ବିଚାର କରିବାର। ଆଉ ସେଥିପାଇଁ ସାଧାରଣତଃ ଶାସନ କ୍ଷମତାରେ ଥିବା ଦଳ ତା'ର ସର୍ବୋତ୍କୃଷ୍ଟ କାମଗୁଡ଼ିକୁ ଭୋଟରମାନଙ୍କ ସାମ୍ନାକୁ ଆଣିବାକୁ ଚାହିଁବ ଏବଂ ବିରୋଧୀମାନଙ୍କ ଉଦ୍ୟମ ହେବ ସରକାରଙ୍କ ଆୟୁଧରୁ ବାହାରୁ ଥିବା ଫଟା ଶବ୍ଦର ପର୍ଦ୍ଦାଫାସ କରିବା। ବିଜେପି ବେଶ୍ କିଛି ଦିନ ହେବ ଦୃଢ଼ ସ୍ୱରରେ ଦାବି କରି ଆସୁଛି ଯେ ଏନ୍‌ଡିଏ ସରକାର ତା'ର ଶାସନ କାଳର ବିଗତ ଦିନମାନଙ୍କରେ ଦେଶବାସୀଙ୍କ ପାଇଁ ଯାହାସବୁ କରିଛି, ତା'ରି ଆଧାରରେ ଦଳ ୫୪୩ ଆସନବିଶିଷ୍ଟ ଲୋକସଭାରେ ମୋଟ ୪୦୦ରୁ ଅଧିକ ଆସନ ଲାଭ କରିବ । କେବଳ ବିଜେପି ହିଁ ଏକା ୩୭୦ ଆସନରେ ବିଜୟୀ ହେବ ବୋଲି ଏହା କହୁଛି । ସରକାରୀ ପକ୍ଷ ନିଜର ଅର୍ଥନୀତିକ ପ୍ରଦର୍ଶନର ଏକ ମିଶ୍ରିତ ଥଳୀ ସହିତ ରାମ ମନ୍ଦିର ନିର୍ମାଣ ଏବଂ ସମ୍ବିଧାନର ଧାରା ୩୭୦କୁ ପ୍ରତ୍ୟାହାର କରିବା ଭଳି ଏହାର ଅତୀତର ପ୍ରତିଶ୍ରୁତିଗୁଡ଼ିକୁ ରକ୍ଷା କରିଥିବାକୁ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଛି । ସଙ୍ଗେ ସଙ୍ଗେ ଏହା ମଧ୍ୟ ଭାରତ ଜି-୨୦ ରାଷ୍ଟ୍ରମାନଙ୍କ ନେତୃତ୍ୱ ନେବା ଏବଂ ଭାରତ ଏହାର ଶାସନ କାଳ ଭିତରେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ପରିଗଣିତ ହେବାକୁ ନିଜର ଦୁଇଗୋଟି ପ୍ରମୁଖ ସଫଳତା ଭାବରେ ଦର୍ଶାଇଛି । କେବଳ ଏତିକି ନୁହେଁ, ଏହା ମଧ୍ୟ ପ୍ରତିଶ୍ରୁତି ଦେଉଛି ଯେ ଯଦି ଏହା ନିର୍ବାଚନରେ ବିଜୟୀ ହୁଏ, ତା'ହେଲେ ଏହାର ତୃତୀୟ ପାଳିର ଶାସନ କାଳରେ ବିଶ୍ୱର ସବୁ ଅର୍ଥନୀତିଙ୍କ ମଧ୍ୟରେ ଭାରତକୁ ଏହା ତୃତୀୟ ସ୍ଥାନକୁ ନେଇଯିବ। ତେବେ, ନିର୍ବାଚନର ଦିନ ନିକଟ ହୋଇ ଆସୁଥିବା ବେଳେ ବିଜେପି ନିଜର ଗିୟର ଗୋଟିଏ କାର୍ଯ୍ୟସୂଚୀ ଆଡ଼କୁ ବଦଳାଇବାକୁ ଚାହୁଁଥିବା ଭଳି ମନେ ହେଉଛି, ଯାହା ରାମ ମନ୍ଦିର ନିର୍ମାଣ ଚାରିପଟେ ଘୁରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ବିରୋଧୀମାନଙ୍କ ଉପରେ, ବିଶେଷକରି କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ଉପରେ ସେମାନଙ୍କର ମନ୍ଦିର ପ୍ରକଳ୍ପକୁ ନେଇ ରହିଥିବା ବିରୋଧ ଭାବର ଅଭିଯୋଗ ଯୋଗୁଁ ନିଜର ଆକ୍ରମଣକୁ ଅଧିକ ଶାଣିତ କରୁଛନ୍ତି । ଶ୍ରୀଯୁକ୍ତ ମୋଦୀ ଏହି ପ୍ରକଳ୍ପର ଆରମ୍ଭରେ କଂଗ୍ରେସ ବିରୋଧ କରିଥିବା ଆଉ ତା' ପରେ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବା ସହିତ ନିଜର ନେତାମାନଙ୍କୁ ମଧ୍ୟ ସେଠାକୁ ଯିବାକୁ ମନା କରିବା ଏବଂ ଦଳର ବିରୋଧ ସତ୍ତ୍ୱେ ଯେଉଁ ନେତାମାନେ ମନ୍ଦିରକୁ ଯାଇଥିଲେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଦୋଷକୁ ଦର୍ଶାଉଛନ୍ତି। ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପଛରେ ରହିଥିବା ରାଜନୀତିକ ଉତ୍ସବର ପ୍ରଭାବକୁ ଅତ୍ୟନ୍ତ ଚତୁରତାର ସହିତ ଏଡ଼ାଇ ଯିବା ଉଦ୍ଦେଶ୍ୟରେ କଂଗ୍ରେସ ଆର୍‌ଏସ୍‌ଏସ୍ ଏବଂ ବିଜେପିର କାର୍ଯ୍ୟସୂଚୀରେ ଏହା ଏକ ବିଷୟବସ୍ତୁ ଭାବରେ ରହିଥିବା ତଥା କଂଗ୍ରେସର ଏଥିରେ କିଛି କରିବାର ନଥିବା କହିଥିଲା । ତେବେ ଦଳର ନେତୃବୃନ୍ଦଙ୍କର ଏକ ଭାଗ ମନ୍ଦିର ନିର୍ମାଣ ପାଇଁ କଂଗ୍ରେସର କ'ଣ ଅବଦାନ ରହିଥୁଲା, ତାହା ବିଜେପିକୁ ସ୍ମରଣ କରାଇ ଦେଇଥିଲେ। ଅତୀତରେ ଅନେକଗୁଡ଼ିଏ ଅବସରରେ ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗ ବିଜେପିର ଇସ୍ତାହାରରେ ରହିଥିଲା, ଆଉ ସେଥିପାଇଁ ବର୍ତ୍ତମାନ ମଧ୍ୟ ଏହି ପ୍ରସଙ୍ଗକୁ ନିଜର କାର୍ଯ୍ୟସୂଚୀରେ ସ୍ଥାନିତ କରିବାର ଏହାର ପୂର୍ଣ୍ଣ ଅଧିକାର ରହିଛି । ସାମ୍ପ୍ରତିକ ସମୟରେ ସର୍ବସାଧାରଣଙ୍କ ପାଇଁ ଯେଉଁ ପ୍ରସଙ୍ଗଟି ସର୍ବାଧିକ ଗୁରୁତ୍ୱ ବହନ କରୁଛି, ତାହା ହେଉଛି- ବେକାରୀ ସମସ୍ୟା ଏବଂ ସମୃଦ୍ଧିର ସମାନ ଆବଣ୍ଟନ । ଏ ସମ୍ପର୍କରେ ବିଜେପିର ମତ- ସମୟ ଆସିଲେ ଯେ କୌଣସି ମୁହୂର୍ତ୍ତରେ ଏହା ତା'ର ପ୍ରମୁଖ କାର୍ଯ୍ୟ ହେବ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ଲୋକମାନଙ୍କ ଭାଗ୍ୟକୁ ଉନ୍ନତ କରିବା ବାବଦରେ ସରକାର ଯେତିକି ପରିମାଣର ଅର୍ଥ ଖର୍ଚ୍ଚ କରିଛନ୍ତି ତଥା ଏହି ଲକ୍ଷ୍ୟ କେତେଦୂର ହାସଲ ହୋଇଛି, ସେ ସମ୍ପର୍କିତ ପ୍ରଶ୍ନଗୁଡ଼ିକ ମଧ୍ୟ ନିର୍ବାଚନ ସମୟରେ ସମ୍ମୁଖକୁ ଆସିବ, ଆଉ ସରକାର ଏହିସବୁ ବିଷୟବସ୍ତୁ ଉପରେ ଉତ୍ତର ଦେବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ। ପ୍ରସଙ୍ଗକ୍ରମେ ବିଜେପିକୁ ୨୦୦୪ର ସେହି ବିପର୍ଯ୍ୟୟକୁ ସ୍ମରଣ କରାଇ ଦିଆଯାଇପାରେ ଯେ ସେ ସମୟରେ ଏହାର 'ଭାରତ ଚମକୁଛି' (ଇଣ୍ଡିଆ ସାଇନିଂ) ପ୍ରଚାର ଏହାକୁ ବିଜୟ ଆଣିଦେବାରେ ବିଫଳ ହୋଇଥିଲା, ଆଉ ସେଥିପାଇଁ ଏହା ପୁଣିଥରେ ନିଜର ସାମ୍ପ୍ରଦାୟିକ କାର୍ଯ୍ୟସୂଚୀର ପୁନର୍ନବୀକରଣ କରିଥିଲା । ବିରୋଧୀମାନେ ବିଜେପିକୁ ଯଦି ରାମ ମନ୍ଦିର ଉପରେ ଆଲୋଚନା କରିବାକୁ ସୁଯୋଗ ନଦେଇ ଅର୍ଥନୀତିକୁ ସଜାଡ଼ିବା ସହିତ ସବୁ ଲୋକଙ୍କ ହାତକୁ ମାଗଣା ଅନ୍ନ ପରିବର୍ତ୍ତେ କାମ ଦେବା ପାଇଁ ଏହାର ଯୋଜନା ସମ୍ପର୍କରେ ଉଲ୍ଲେଖ କରିବାକୁ ଆହ୍ୱାନ ଦିଅନ୍ତି ଏବଂ ଏଇ ଆଲୋଚନାରେ ଦଳକୁ ବ୍ୟାମୃତ ରଖନ୍ତି, ତା'ହେଲେ ଦେଶର ଜନସାଧାରଣ ଅନ୍ତତଃ ମତଦାନ ପୂର୍ବରୁ କେତେକାଂଶରେ ସଠିକ୍ ନିଷ୍ପତ୍ତି ନେବାର ସୁଯୋଗ ଲାଭ କରିବେ।

# ଭକ୍ତକୁଳ ତିଳକ 'ଶ୍ରୀହନୁମାନ'



ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

'ମହା-ବିଷୁବ ସଂକ୍ରାନ୍ତି' ହିଁ ରାମଭକ୍ତ ହନୁମାନଙ୍କର 'ଜନ୍ମଦିବସ' ରୂପେ ପରିଚିତ । ହନୁମାନଙ୍କର ଜୀବନଚର୍ଯ୍ୟା ହେଉଛି ରାମମୟ, ହନୁମାନଙ୍କ ଦୃଷ୍ଟିରେ 'ସକଳ ବିଶ୍ୱରେ ହିଁ ରାମମୟ ଓ ରାମ ହିଁ ବିଶ୍ୱମୟ ।' ହନୁମାନ ସତେ ଯେମିତି ରାମଙ୍କ ଦ୍ୱାରା, ରାମଙ୍କ ପାଇଁ ଓ ରାମଙ୍କର । ଯେ ହନୁମାନ, ସେ ରୁଦ୍ର, ସେ ବିଷ୍ଣୁ, ସେ ବ୍ରହ୍ମା, ସେ ହିଁ ବାୟୁ, ଅନଳ, ଭୂତ- ଭବିଷ୍ୟତ ସବୁକିଛି । ମନୁଷ୍ୟ ସମସ୍ତ ପ୍ରାଣୀମାନଙ୍କ ତୁଳନାରେ ଅଧିକ ବିଜ୍ଞ, କିନ୍ତୁ ପ୍ରତ୍ୟେକ ମନୁଷ୍ୟର 'ହନୁହାଡ଼' ଅଛି । ଏଣୁ ପ୍ରତ୍ୟେକ ମନୁଷ୍ୟ ଜଣେ ଜଣେ 'ହନୁମାନ' ।

ବେଦ ମତେ ପ୍ରାଣୀ ଜଗତକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା- 'ମୁଖଦାନ୍' ଓ ହସ୍ତଦାନ୍' । ଯେଉଁ ପ୍ରାଣୀମାନେ ମୁଖରେ ଧାରଣ କରନ୍ତି ସେମାନେ ସମସ୍ତେ 'ମୁଖବାନ' । ଅର୍ଥାତ୍ ପିମ୍ପୁଡ଼ିଠାରୁ ଆରମ୍ଭ କରି, ପକ୍ଷୀ, ମାଛ ଓ ସରୀସୃପମାନେ ନିଜର ସମସ୍ତ କାର୍ଯ୍ୟକୁ ମୁଖ୍ୟତଃ ମୁଖଦ୍ୱାରା ସମ୍ପାଦନ କରିଥାନ୍ତି । ପୃଥିବୀର ମାତ୍ର ତିନିଗୋଟି ପ୍ରାଣୀ 'ହସ୍ତଦାନ୍' ଗୋଷ୍ଠୀର ଅନ୍ତର୍ଗତ। ସେମାନେ ହେଲେ ମନୁଷ୍ୟ, ମର୍କଟ ଓ ହସ୍ତୀ । ହସ୍ତଦାନ୍ ଅର୍ଥ ହେଉଛି ହସ୍ତଦ୍ୱାରା ସମସ୍ତ କାର୍ଯ୍ୟକୁ ଆୟତ୍ତକୁ ଆଣିବା । ହାତୀର ଶୁଣ୍ଢ ଏହି ସମସ୍ତ କାର୍ଯ୍ୟକୁ ଦକ୍ଷତାର ସହ ସମ୍ପାଦନ କରିପାରେ । ଏଣୁ ସମୟାନୁସାରେ ହାତୀର ମୁଣ୍ଡକୁ ସର୍ବସାଧାରଣଙ୍କର ପ୍ରତୀକ ଦେବତା (ଗଣଦେବତା) ଗଣେଶଙ୍କର ଶରୀରରେ ତନ୍ତ୍ରବିଜ୍ଞାନ ଦୃଷ୍ଟି ଯୋଡ଼ା ଯାଇଛି । ପ୍ରାଣୀ ଜଗତରେ ମନୁଷ୍ୟ ବ୍ୟତୀତ ମର୍କଟ ମାନେ ହିଁ ହସ୍ତର ଉପଯୋଗ କରିଥାନ୍ତି । ଏଣୁ ବୈଦିକ ଯୁଗରୁ ହସ୍ତୀ, ବାନର ଓ ମନୁଷ୍ୟ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରାଯାଇଛି ।

ତ୍ରେତୟା ଯୁଗରେ 'ହନୁମାନ' ହିଁ ହେଉଛି ରାମାୟଣ ଶକ୍ତିମାନ ପୁରୁଷ । ରାମ- ରାବଣ ଯୁଦ୍ଧରେ ମର୍କଟମାନେ ହେଉଛନ୍ତି ଶୃଙ୍ଖଳିତ ତଥା ତେଜସ୍ୱୀ ଯୋଦ୍ଧା । ନେତୃତ୍ୱ ବିଜ୍ଞାନ ଦୃଷ୍ଟିରୁ ଆଜକୁ ପ୍ରାୟ ପନ୍ଦର ନିୟୁତ ବର୍ଷ ପୂର୍ବରୁ ମନୁଷ୍ୟ ଏବଂ ଲାଙ୍ଗୁଳବିହୀନ ମାଙ୍କଡ଼ମାନଙ୍କର ବିବର୍ତ୍ତନ ସମାନ୍ତରାୟ ଭାବରେ ହୋଇଛି । ମନୁଷ୍ୟ ଏବଂ ମାଙ୍କଡ଼ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଅନେକ ଆଦିମାନବଙ୍କର ଜୀବାଶ୍ମ ପ୍ରମାଣିକ ତଥ୍ୟ ଭାବରେ ଲପଲବ୍ଧ । ଏମାନଙ୍କ ମଧ୍ୟରେ ଜାଭା ମନୁ୍ୟେ, ପେକିଙ୍ଗ ମାନବ, କ୍ରୋ-ମେଗ୍‌ନନ ମନୁଷ୍ୟ, ଓ ଅଷ୍ଟ୍ରେଲିଆର ବୁସ୍‌ମେନ୍‌ର ଜୀବାଶ୍ମ ହେଉଛି ଆଧୁନିକ ମନୁଷ୍ୟର ଆଦିମ ଅବସ୍ଥା । ଏହି ଆଦିମ ମନୁଷ୍ୟମାନେ ବର୍ତ୍ତମାନର ଗରିଲା, ସିମ୍ପାଞ୍ଜି, ଓରାଙ୍ଗ, ଭଟାଙ୍ଗ ଗିବନମାନଙ୍କ ସହ ଶାରୀରିକ ଦୃଷ୍ଟିରୁ ଅନେକ ସାମଞ୍ଜସ୍ୟ ଅଛି ।

ପୁରାଣ କହେ ଶିବଙ୍କ ଶକ୍ତିକୁ ପବନ ଦେବତା ଗ୍ରହଣ କରି ହନୁମାନଙ୍କ ଅଞ୍ଜନାଙ୍କ ଗର୍ଭରେ ସ୍ଥାପନ କରିଥିଲେ । ଶିବଙ୍କ 'ବୀର୍ଯ୍ୟ'ରୁ ଅନ୍ୟ ସ୍ତ୍ରୀ ଗର୍ଭରେ ହନୁମାନ ଜନ୍ମହେବା ଆଧୁନିକ ବୀର୍ଯ୍ୟବ୍ୟଙ୍କ ଓ ସରୋପେଟ୍ ଜନନୀ ବୈଜ୍ଞାନିକ ସିଦ୍ଧି ପାଇଁ ଭାରତୀୟ ମନିଷୀମାନଙ୍କର ଅବଦାନକୁ ସ୍ମରଣ କରାଏ ।

ହନୁମାନ ବାନର ବଂଶର କେଶରୀ ଓ ଅଞ୍ଜନୀଙ୍କର ପୁତ୍ର, ଅସ୍ୱଭାବିକ ପରିବେଶ ଓ ପରିସ୍ଥିତିରେ ଜନ୍ମ ହୋଇ ଅନନ୍ୟ ପ୍ରତିଭାର ଅଧିକାରୀ ହେବା ସହ ଅସାଧାରଣ କୀର୍ତ୍ତି ସ୍ତମ୍ଭ ସୃଷ୍ଟି କରିଛନ୍ତି ।

ପରାସର ସଂହିତା ମତରେ ହନୁମାନ ସୂର୍ଯ୍ୟଙ୍କୁ ଅରାଧାନ କରି ପାଞ୍ଚଟି ଦିବ୍ୟ ବିଦ୍ୟା ଶିକ୍ଷା କରିଥିଲେ । ବିବାହିତ ଶିଷ୍ୟଙ୍କ ପାଇଁ ଏହି ପଞ୍ଚ ମହାବିଦ୍ୟା ହାସଲ କରିବା ଜରୁରୀ ଥିବାରୁ ସେ ସୂର୍ଯ୍ୟଙ୍କ କନ୍ୟା 'ସୁବର୍ଚ୍ଚନା'ଙ୍କୁ ସର୍ତ୍ତମୂଳକ ବିବାହ କରିଥିଲେ । ବିବାହ ପରେ ପତ୍ନୀ 'ସୁବର୍ଚ୍ଚନା' ତପସ୍ୱିନୀ ହୋଇଗଲେ । ହନୁମାନଙ୍କର ଜୀବନ ପ୍ରବାହ ବି ସାଧନା ଓ ସେବାରେ ହିଁ ଜିତିବାକୁ ଲାଗିଲା। ତେଲଙ୍ଗାନାର 'ଖମ୍ମା' ଜିଲ୍ଲାରେ ହନୁମାନ ସପତ୍ନୀଙ୍କ ପୂଜା ପାଉଛନ୍ତି ।


ରାଜଚରିତ ମାନସ ମତେ ହନୁମାନ ବେଦ, ବେଦାଙ୍ଗ, ଉପବେଦ, ନ୍ୟାୟ, ପୁରାଣ, ଧର୍ମଶାସ୍ତ୍ର ଓ ସଙ୍ଗୀତ ବିଦ୍ୟାରେ ପାରଙ୍ଗମ ଥିଲେ । ହନୁମାନ 'ଅଷ୍ଟସିଦ୍ଧି' ହାସଲ କରିଥିଲେ । ସେହି ଅଷ୍ଟ ବିଦ୍ୟା ହେଉଛି ଅଣୀମା, ମହୀମା, ଲଘୀମା, ଗରୀମା, ପ୍ରାପ୍ତିଂ, ପ୍ରକାମ୍ୟମ୍, ଇଶିତମ୍ ଓ ବିଶିତ୍ୱମ୍ । ହନୁମାନ ତାଙ୍କ ଇଷ୍ଟ 'ରାମ'ଙ୍କୁ ଛାତିରେ ରଖି ପାରିଥିଲେ । ଏଣୁ ହନୁମାନ ଯେତେବେଳେ ଯାହା କାମନା କରନ୍ତି ତାହାକୁ ସହଜରେ ହାସଲ କରିପାରନ୍ତି । ପୁଣି ଭକ୍ତିରେ ତାଙ୍କୁ ଯେ ଯାହା କାମନା କରେ ତାହାକୁ ସେ ତୁରନ୍ତ ପ୍ରଦାନ କରନ୍ତି । ହନୁମାନ ଭକ୍ତ ହିସାବରେ ଅନନ୍ୟ । ସେ ଭଗବାନ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ।

ସେଦିନ ଥିଲା ମଙ୍ଗଳବାର, ହନୁମାନ ସେଦିନ ମାତା ସୀତାଙ୍କଠାରୁ ଶୁଣିଲେ ଯେ 'ସିନ୍ଦୁର ମଥାରେ ପିନ୍ଧିଲେ ପ୍ରଭୁ ଶ୍ରୀରାମ କେବଳ ପ୍ରୀତ ହୁଅନ୍ତି ନାହିଁ ବରଂ ତାଙ୍କର ଆୟୁ ଓ ଯଶ ବଢ଼େ । ତେଣୁ ଏକଥା ଶୁଣିବା ପରେ ସେ ଉଠିପଡ଼ି ପାଗଳଙ୍କ ପରି ଶରୀରରେ ତେଲ ଲଗାଇବା ସହ ଆପାଦମସ୍ତକ ସିନ୍ଦୁରେ ବୋଳି ହୋଇଗଲେ । ତାଙ୍କୁ ଦେଖି ଶ୍ରୀରାମ ପ୍ରଶ୍ନ କଲେ- ତୁମେ ଆଜି କାହିଁକି ଏପରି ସିନ୍ଦୁର ବୋଳିଛ ? ହନୁମାନ ହାତଯୋଡ଼ି ବିନୟର ସହ ଉତ୍ତର ଦେଲା -ପ୍ରଭୁ ମାଆ ସୀତା ମୁଣ୍ଡରେ ଟିକିଏ ମାତ୍ର ସିନ୍ଦୁର ଲଗାଇବା ଯୋଗୁଁ ଆପଣଙ୍କର ଆୟୁଷ ଓ ଯଶ ବୃଦ୍ଧି ହୋଇଥାଏ । ମୁଁ ଭକ୍ତ ହୋଇ କଣ ଆପଣଙ୍କର ଆୟୁ ଓ ଯଶ ଚାହିଁବି ନାହିଁ ? କାଳେ ମୋ ଶରୀରରୁ ସିନ୍ଦୁର ଖସିପଡ଼ିବ, ତେଣୁ ତେଲ ବୋଳି ହୋଇ ସିନ୍ଦୁର ଲଗାଇଛି । ପ୍ରଭୁ ଭକ୍ତର ସରଳ ସ୍ୱଭାବରେ ମୁଗ୍ଧ ହୋଇଗଲେ ଓ ଘୋଷଣ କଲେ- ମଙ୍ଗଳବାର ଦିନ ଯେଉଁ ଭକ୍ତ ହନୁମାନଙ୍କୁ ତେଲ ଓ ସିନ୍ଦୁର ଅର୍ପଣ କରିବ ସେ ମୋର ଆଶିଷ ଲାଭ କରିବ ଓ ତାର ସମସ୍ତ କାମନା ପୂର୍ଣ୍ଣ ହେବ । ପୁଣି ଗୈରିକ ରଙ୍ଗ ଅହଂଶୂନ୍ୟତାର ପ୍ରତୀକ ଅଟେ ।

ହନୁମାନ ଉପାସନାର ପ୍ରିୟବାର- ମଙ୍ଗଳ ଓ ଶନି । ପ୍ରିୟ ନୈବେଦ୍ୟ ବେସନ- ବୁନ୍ଦିଆ ଓ ଚଣା-ଗୁଡ଼ । ଆୟୁର୍ବେଦ ମତାନୁସାରେ 'ଚଣା ରୁଚିବର୍ଦ୍ଧକ, କଫଂ ହାରକ ଓ ରକ୍ତକାରକ/ ସେହିପରି ଗୁଡ଼ ବାୟୁ ନଷ୍ଟକାରକ, ମୂତ୍ର ଶୋଧକ ଓ ଚିକ୍‌କଣ । ତେଣୁ ଉଭୟ ଶରୀରରେ କ୍ଷତ ଓ ବଳ ବର୍ଦ୍ଧକ ଅଟନ୍ତି।

ହନୁମାନ ଜୟନ୍ତୀର ତାତ୍ପର୍ଯ୍ୟ ହେଉଛି- ଅମିତ ବଳଶାଳୀ ତେଜସ୍ୱିୟ ଶକ୍ତି ଓ ବୀରତ୍ୱର ପ୍ରତୀକ ଅଗ୍ନି ଓ ପବନର ଶକ୍ତିକୁ ପ୍ରତିହତ କରିବାର ପରିକଳ୍ପନା । ମାନସ ଶକ୍ତିର ଅଧିକାରୀ ହନୁମାନ ହେଉଛନ୍ତି ଶାରୀରିକ ବଳବିକ୍ରମର ଦେବତା । ଏଣୁ ତାଙ୍କ ଦକ୍ଷରେ ସବୁ ସମ୍ଭବ ଏବଂ ସାଧ । ଆଜି ପବିତ୍ର ହନୁମାନ ଜୟନ୍ତୀରେ ତାଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ଭକ୍ତିର ପରମ୍ପରାକୁ ଅନୁସରଣ କରିବା ଓ ତାଙ୍କ ପରି ନିରହଂକାରୀ ହେବା ।

ଜୟ ଶ୍ରୀରାମ, ଜୟ ଶ୍ରୀ ହନୁମାନ ।




ପ୍ରଜ୍ଞାନୀଡ଼
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର-୭୫୬୦୦୧
ମୋ: ୮୮୯୫୯୮୮୮୪

# ପ୍ରତିଶ୍ରୁତି ପ୍ରସଙ୍ଗରେ ଚିନ୍ତା କରିବାର ସମୟ ଆସିଛି



ଗୋପାଳ ମହାପାତ୍ର

ଆମ ନିର୍ବାଚନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଭିନ୍ନ ଅଂଶ ହେଉଛି ନିର୍ବାଚନ ଇସ୍ତାହାର ବା ଘୋଷଣାପତ୍ର। ୧୯୫୨ ମସିହାରେ ହୋଇଥିବା ଦେଶର ପ୍ରଥମ ନିର୍ବାଚନ ଠାରୁ ଏହି ଇସ୍ତାହାର ଜାରି କରିବାର ପ୍ରକ୍ରିୟା ଚାଲି ଆସୁଛି। ଏଇ ଇସ୍ତାହାର ହେଉଛି ରାଜନୈତିକ ଦଳମାନଙ୍କର ବିଚାରଧାରା, ନୀତି ଏବଂ କାର୍ଯ୍ୟକ୍ରମର ଦସ୍ତାବିଜ୍ ଏବଂ ଏହି ଦସ୍ତାବିଜର ଆଧାରରେ ଭୋଟରମାନେ କାହାକୁ ଭୋଟ ଦେବେ ସେକଥା ସ୍ଥିର କରିଥାନ୍ତି। କିନ୍ତୁ ଏଭଳି ସ୍ଥିତି ସେତେବେଳେ ଆସେ ଯେତେବେଳେ ନିର୍ବାଚନ କେବଳ ଜିତିବା ପାଇଁ ଲଢା ଯାଇନଥାଏ। ଯେତେବେଳେ ମାମଲା ଭୋଟ ହାତେଇବା ପାଇଁ ଯୋଗାଡ଼ ଅବସ୍ଥାକୁ ଆସିଯାଏ ସେତେବେଳେ ଇସ୍ତାହାର ଏକ ପ୍ରତିଶୃତି ପତ୍ର ପାଲଟିଯାଏ। ପ୍ରତିଟି ରାଜନୈତିକ ଦଳ ନିର୍ବାଚନ ବେଳେ ଏଭଳି ଇସ୍ତାହାର ଜାରି କରନ୍ତି। ସାଧାରଣତଃ ଯେଭଳି ପୁସ୍ତକ ଉନ୍ମୋଚନ ହୁଏ ସେଭଳି ଇସ୍ତାହାରକୁ ଦଳୀୟ ନେତାମାନେ ଗଣମାଧ୍ୟମ ସମ୍ମୁଖରେ ଉନ୍ମୋଚନ କରିଥାନ୍ତି ଓ ଗଣମାଧ୍ୟମ ମଧ୍ୟ ଇସ୍ତାହାର ସମ୍ପର୍କୀତ ସମ୍ବାଦ ପ୍ରସାର କରିଥାଏ। ପାଞ୍ଚବର୍ଷରେ ଆସୁଥିବା ଏହି ଇସ୍ତାହାର ଜାରି ଘଟଣାକୁ ଏକ ଦିନିକିଆ ପୋଗ୍ରାମ ବୋଲି ମଧ୍ୟ କୁହାଯାଇପାରେ। ନା ଲୋକଙ୍କର(ଭୋଟରମାନଙ୍କର) ଏହି ଇସ୍ତାହାର ପୁସ୍ତିକା ବାବଦରେ ଜାଣିବାର ଆଗ୍ରହ ଥାଏ ନା ସବୁଲୋକେ ଏହି ପୁସ୍ତିକାକୁ ପଢନ୍ତି। ଏହି ପୁସ୍ତିକାକୁ ଅନେକ ଦେଖି ବି ନଥାନ୍ତି। ଅନେକଙ୍କର ଏହି ପୁସ୍ତିକା ଦେଖିବାକୁ ଆଗ୍ରହ ମଧ୍ୟ ନଥାଏ। ସାଧାରଣ ଲୋକଙ୍କ ପାଇଁ ଇସ୍ତାହାର ପୁସ୍ତିକାରେ ଛପାଯାଇଥିବା ପ୍ରତିଶୃତିର କିଛି ଅର୍ଥ ମଧ୍ୟ ନଥାଏ।

ନିର୍ବାଚନ ଇସ୍ତାହାର ପୁସ୍ତିକା ଉପରେ ଖୋଲା ମଞ୍ଚରେ କୌଣସି ଆଲୋଚନା ପର୍ଯ୍ୟାଲୋଚନା ହୁଏ ନାହିଁ କେବଳ ରାଜନୈତିକ ଦଳମାନେ ପରସ୍ପରର ଇସ୍ତାହାରକୁ ନେଇ ଆରୋପ ପତ୍ୟାରୋପ କରିଥାନ୍ତି। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଇସ୍ତାହାର ଜାରି ଭଳି ପରମ୍ପରାର ଅର୍ଥ କ'ଣ ? ପରିଭାଷାର ହିସାବରେ ଏହି ଇସ୍ତାହାର ରାଜନୈତିକ ଦଳମାନଙ୍କ ପାଇଁ ସେମାନଙ୍କ ଭବିଷ୍ୟତର ଯୋଜନା, ପ୍ରମୁଖ ପ୍ରସଙ୍ଗ ଉପରେ ସେମାନଙ୍କ କାର୍ଯ୍ୟକ୍ରମ ଏବଂ ବୈଚାରିକ ଦୃଷ୍ଟିକୁ ସଙ୍କେତ ଦେବା ଥାଏ। ଏହି ଦୃଷ୍ଟିରୁ ସାହରା ବିଶ୍ୱରେ ନିର୍ବାଚନ ଇସ୍ତାହାରକୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ବୋଲି ଗ୍ରହଣ କରାଯାଇଥାଏ। କିନ୍ତୁ ଇସ୍ତାହାର ଉପରେ ବିଚାର ବିମର୍ଶ କରାଯାଇ ନଥାଏ। ୧୯୫୨ରୁ ୨୦୨୪ର ନିର୍ବାଚନରେ ଏହି ଅବସ୍ଥା ରହିଛି। ନିର୍ବାଚନ ଇସ୍ତାହାର କେବଳ ବଡ଼ ବଡ଼ ରାଜନୈତିକ ଦଳମାନେ ଛାପୁଥିଲେ କିନ୍ତୁ ଏବେ କେବଳ ରାଷ୍ଟ୍ରୀୟଦଳ ନୁହଁନ୍ତି ଅନେକ ଆଞ୍ଚଳିକ ଦଳ ମଧ୍ୟ ଇସ୍ତାହାର ଜାରି କଲେଣି। ନିର୍ବାଚନ ଇସ୍ତାହାର ଉପରେ ଆମ ଦେଶର ଏକ ସଂସ୍ଥା ସେଣ୍ଟର ଫର ପଲିସ୍ ରିସର୍ଚ୍ଚ ଏକ ଅଧ୍ୟୟନ କରିଥିଲା। ୧୯୫୨ର ପ୍ରଥମ ନିର୍ବାଚନ ଠାରୁ ୨୦୧୯ର ନିର୍ବାଚନରେ କଂଗ୍ରେସ, ବିଜେପି ଓ ସିପିଏମ୍ ଦଳକୁ ଭାରତୀୟ ରାଜନୀତିର ଲେଫ୍ଟ, ରାଇଟ ଓ ସେଣ୍ଟର ବୋଲି କୁହାଯାଇଥାଏ। ଏ ତିନି ଦଳର ନିର୍ବାଚନ ଇସ୍ତାହାରର ଅଧ୍ୟୟନ ପରେ ସଂପୃକ୍ତ ସଂସ୍ଥା ଏକ ତଥ୍ୟ ଭିତ୍ତିକ ରିପୋର୍ଟ ଜାରି କରିଥିଲା। ତଦନୁସାରେ ଏହି ତିନି ଦଳର ସବୁ ଘୋଷଣା ପତ୍ରରେ ଆର୍ଥିକ ଯୋଜନା, କଲ୍ୟାଣ ଏବଂ ବିକାଶ ତଥା ବୁନିଆଦି ଢାଞ୍ଚା ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ପ୍ରାରମ୍ଭରୁ ୩ରୁ ୪ ଦଶନ୍ଧି ପର୍ଯ୍ୟନ୍ତ ଆର୍ଥିକ ଯୋଜନାର ସମାଜବାଦୀ ମଡେଲ ଉପରେ ଗୁରୁତ୍ୱ ଦିଆଯାଇଥିଲା କିନ୍ତୁ ଏବେ ଏହି ସନ୍ଦର୍ଭ ବଦଳି ଯାଇଛି। ବିଜେପି (ତତ୍‌କାଳୀନ ଜନସଙ୍ଘ) ଘରୋଇ କ୍ଷେତ୍ରକୁ ଅଗ୍ରାଧିକାର ଦେଉଥିଲେ।

ସବୁଦଳ ଦେଶର ଗ୍ରାମାଞ୍ଚଳ ପାଇଁ ପ୍ରତିବଦ୍ଧ କତା କହୁଥିଲେ। ଏହା ସତ୍ତ୍ୱେ ବିକାଶ ଏବ ବୁନିଆଦି ଢାଞ୍ଚା କ୍ଷେତ୍ରରେ ଗ୍ରାମାଞ୍ଚଳ ବିକାଶ ପାଇଁ ସମର୍ପିତ ଶବ୍ଦର ପ୍ରତିଶତ ୧୯୫୨ରେ ୪୨ ପ୍ରତିଶତ ଥିବାବେଳେ ୨୦୧୯ ବେଳକୁ ଏହା ୫.୬ ପ୍ରତିଶତକୁ ଖସିଆସିଛି। ଏବେ ବିଜେପି ଭୌତିକ ବୁନିଆଦି ଢାଞ୍ଚା ଉପରେ ଅଧିକ କୁରୁତ୍ୱ ଦେଉଛି। ଷ୍ଟାଟଅପ୍ ଏବଂ ଆତ୍ମନିର୍ଭରତା ଉପରେ ଏବଂ ରାଷ୍ଟ୍ରୀୟ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେୁଛି। ସେହିପରି ବାମପନ୍ଥୀ ସାମ୍ରାଜ୍ୟବାଦି ବିରୋଧି ବା ଆମେରିକା ବିରୋଧି ପ୍ରସଙ୍ଗକୁ ଗୁରୁତ୍ୱ ଦେଉଛନ୍ତି। ଏମାନେ ଶ୍ରମ ଅଧିକାର ଏବଂ କୃଷିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଦେଶ ନୀତି ଏବଂ ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗକୁ ସବୁଦଳ ଗୁରୁତ୍ୱ ଦେଉଥିଲେ। କଂଗ୍ରେସ ଆନ୍ତର୍ଯ୍ୟାତୀୟତାକୁ ଗୁରୁତ୍ୱ ଦେଉଥିଲା। ସିପିଏମ ଚୀନ ଏବଂ ସୋଭିଏତ ସଙ୍ଘ ସହ ଉତ୍ତମ ସମ୍ପର୍କ ରକ୍ଷାକୁ ଗୁରୁତ୍ୱ ଦେଉଥିଲା ଓ ଆମେରିକାକୁ ବିରୋଧ କରୁଥିଲା। ୧୯୮୦ ଦଶକରୁ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢିଥିଲା ଏଣୁ ବିଜେପି ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଆତଙ୍କବାଦ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଲା। କଂଗ୍ରେସ ଏବଂ ସିପିଏମ୍ ଏ ପ୍ରସଙ୍ଗକୁ ଅଧିକ ଗକୁରୁତ୍ୱ ଦେଲାନାହିଁ। ସମୟ ସହ ତାଳ ମିଳାଇ ରାଷ୍ଟ୍ରୀୟ ଏବଂ ଆନ୍ତର୍ଯ୍ୟାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜନୈତିକ ଦଳମାନେ ମଧ୍ୟ ସେମାନଙ୍କ ପଲିସି ବା ବିଚାରଧାରା ପରିବର୍ତ୍ତନ କଲେ।

୧୯୮୦ ଦଶକରୁ ପରିବେଶ ଓ ସ୍ଥିରତା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରିଣତ ହେଲା ଓ ସେତେବେଳେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏବେ ସହରାଞ୍ଚଳକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ଏବେ ଇସ୍ତାହାରରେ ଅଧିକ ଭାବେ ପ୍ରତିଶୃତି କଥା ହିଁ ରହୁଛି। ମାଗଣାରେ ଦିଆଯିବାକୁ ଥିବା ଜିନିଷପତ୍ରର ତାଲିକା, ଯୋଜନାକୁ ପରିବର୍ତ୍ତନ କରିବା ଅଥବା ବନ୍ଦ କରିଦେବାର ପ୍ରତିଶୃତି ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବ୍ୟାପକ ପ୍ରତିଶୃତି କଥା ଅଧିକ ଭାବେ ଇସ୍ତାହାରରେ ସ୍ଥାନ ପାଉଛି। ରାଜନୈତିକ ଦଳମାନଙ୍କର ଇସ୍ତାହାର ଏକେ ଦଳର ରୋଡ଼ମ୍ୟାପ ନହୋଇ ଅଳ୍ପକାଳୀନ ଏବଂ ଲୋକଲୁଭାବନ ଘୋଷଣାରେ ପରିବର୍ତ୍ତିତ ହୋଇଯାଇଛି। ଦଳମାନେ ଏବେ ବିକାଶ ପାଇଁ ଲୋକଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି। ୨୦୨୩ ମସିହାରେ ମାନ୍ୟବର ସୁପ୍ରିମ୍‌କୋର୍ଟ ମାଗଣା ଦେବା ଏବଂ ଲୋକଲୁଭାବନ ପ୍ରତିଶୃତି ଉପରେ ନକରାତ୍ମକ ମନ୍ତବ୍ୟ ଦେଇଥିଲେ କିନ୍ତୁ ଏହା ଉପରେ ଅଙ୍କୁଶ ଲାଗାଇନଥିଲେ। କିନ୍ତୁ ୨୦୨୪ରେ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧିକୁ ସଂଶୋଧନ କରିଥିଲେ ଓ ଦଳମାନେ ଯେଉଁ ପ୍ରତିଶୃତି ସେଥିପାଇଁ ଅର୍ଥ ଆସିବ କେଉଁଠୁ, ପ୍ରତିଶୃତି କେମିତି ପୂରଣ କରିବେ ଏ ବାବଦରେ ସ୍ପଷ୍ଟ ଲେଖିବା ପାଇଁ ପରାମର୍ଶ ଦେଇଥିଲେ କିନ୍ତୁ ଦଳମାନଙ୍କ ଲୋକଲୁଭାବନ ପ୍ରତିଶୃତି ଦେବା ଉପରେ ଅଙ୍କୁଶ ଲଗାଇ ପାରିନଥିଲେ।

ରାଜନୈତିକ ଦଳମାନେ ଲୋକଲୁଭାବନ ଘୋଷଣା ଏବଂ ମାଗଣା ଦେବାର ପ୍ରତିଶୃତି ଦେଇ ଲୋକଙ୍କ ବାସ୍ତବିକ ପ୍ରସଙ୍ଗକୁ ଏଡାଇ ଚାଲିଛନ୍ତି। ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଲୋକଙ୍କ ପାଇଁ ନିହାତି ଆବଶ୍ୟକ କିନ୍ତୁ ଏଦୁଇ ପ୍ରସଙ୍ଗର ଅବସ୍ଥା ଅତି ଖରାପ। ପାନୀୟ ଜଳ ଯୋଗାଣ, ସଡ଼କ, ସୋରେଜ ବ୍ୟବସ୍ଥା ମଧ୍ୟ ଖରାପ। ଆଇନର ଶାସନ ଦୁର୍ବଳ ହେବାରେ ଲାଗିଛି। ପରିବେଷ ଖରାପ ହେବାରେ ଲାଗିଛି। ଚାଷ ଏକ କ୍ଷତିକାରକ ପ୍ରସଙ୍ଗ ପାଲଟିଛି। ରାଜନୀତିରେ ଅପରାଧିଙ୍କ ସଂଖ୍ୟା ବଢୁଛି। ଦେଶର ମଧ୍ୟବର୍ଗ ଏବେ ଅନାଥଙ୍କ ଭଳି ରହୁଛନ୍ତି। ବରିଷ୍ଠ ନାଗରିକମାନଙ୍କ ଦଶା କହିଲେ ନସରେ। ଏଭଳି ଅନେକ ପ୍ରସଙ୍ଗ ରହିଛି ଯାହା ଏବେ ଅଣଦେଖା ହେବାରେ ଲାଗିଛି। ଇସ୍ତାହାରରେ ଲୋକଙ୍କ ବାସ୍ତବିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯିବା କଥା କିନ୍ତୁ ଯେହେତୁ ଭୋଟକୁ ଲୋକଙ୍କ ସ୍ୱାର୍ଥ ଠାରୁ ଅଲଗା କରିଦିଆଯାଇ ତାକୁ ଅଳ୍ପକାଳୀନ ଲାଭରେ ପରିଣତ କରି ଦିଆଯାଇଛି। ଲୋକେ ଦେଉଥିବା ଟିକସ ବଦଳରେ ଲୋକଙ୍କୁ ମିଳିଥିବା ସୁବିଧା ପ୍ରସଙ୍ଗ ଏବେ ନା ଲୋକେ ଭାବୁଛନ୍ତି ନା ଦଳ ଭାବୁଛନ୍ତି। ଲୋକେ ବୁଝିପାରୁନାହାଁନ୍ତି ଯେ ସାର୍ବଜନିକ ଧନ ସାର୍ବଜନିକ ବସ୍ତୁ ଏବଂ ସେବା ପାଇଁ ଉଦ୍ଦିଷ୍ଟ। ଲୋକଙ୍କ ମଧ୍ୟରେ ମାଗଣା ଜିନିଷ ପାଇବାର ଉତ୍କଣ୍ଠା ଏତେ ବଢିଯାଇଛି ଯେ ଜୀବନସ୍ତର ସୁଧୁରିବା ପ୍ରସଙ୍ଗ ଗୌଣ ହୋଇଯାଇଛି। ଏଥିପାଇଁ ରାଜନୈତିକ ଦଳମାନଙ୍କୁ ଦୋଷ ଦେବା ଉଚିତ୍ ନୁହେଁ କାରଣ ଲୋକେ ସୁଧୁରିବାକୁ ଚାହୁଁନାହାଁନ୍ତି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଆବଶ୍ୟକ। ଲୋକେ ଠିକ୍ ନହେଲେ ରାଜନୈତିକ ଦଳମାନେ ଏଭଳି କରିଚାଲିବେ। ଏବେ ବୁଝିବା ଓ ଚିନ୍ତା ରିବାର ସମୟ ଆସିଛି।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪




## ସମାଲୋଚନା

ସିଦ୍ଧେଶ୍ୱର ତ୍ରିପାଠୀ

ଆମ ନିଜ କାମ ଆଉ ନିଜ କଥା
ଆମକୁ ସଠିକ ଲାଗେ
ହେଲେ ତା ଭିତରେ କିଛି କିଛି ଭୁଲ୍
ଧିରେ ଧିରେ ଆପେ ଜାଗେ ।

ଜୀବନ ବାଟରେ ଅନେକ ଅଛନ୍ତି
କୁହନ୍ତି ସେ ମନଖୋଲି
ଅମୁକ କଥାଟା ସମୁକ କାମଟା
ପୁରା ଭୁଲ୍ ଥିଲା ବୋଲି ।

ଭୁଲ୍ ବୁଝନାହିଁ ସେଇ ମଣିଷକୁ
ସାଦରେ ଗ୍ରହଣ କର
ଭାବିଲେ ଗହନେ ତାର ସେ କଥାକୁ
ନିଶ୍ଚେ ଆସିବ ସୁଧାର ।

ଆମେରେ ମଣିଷ ଈଶ୍ୱର ଯେ ନୁହଁ
କୋଉଠିତ ଭୁଲ୍ ଥିବ
ସମାଲୋଚନାରୁ କିଛି ଶିକ୍ଷା କଲେ
ଜୀବନେ ଆଗକୁ ଯିବ ।

+ଖୋର୍ଦ୍ଧା

## ଆଖି ଥାଇ ଅନ୍ଧ

ଜଗଦୀଶ ସାହୁ



ଦିନର ଆୟୁଷ ହୋଇବାରୁ ଶେଷ
ଧିରେ ସଂଜ ନଇଁ ଆସିଲା
ଶୋଭା ପରକାଶି ଶଶୀ ଦେଲେ ହସି
ଆକାଶ ସୁନ୍ଦର ଦିଶିଲା !

ଫୁଟବଲ ଖେଳ ସାରି ପିଲାଦଳ
ପାଖ ପୋଖରୀର ଜଳରେ
ଗୋଡ଼ ହାତ ଧୋଇ ପରିଷ୍କାର ହୋଇ
ବାହୁଡ଼ିଲେ ସାଙ୍ଗ ମେଳରେ !

ଘରେ ପହଁଚିଲେ ସଉପ ପାରିଲେ
ପ୍ରଭୁଙ୍କୁ ମୁଣ୍ଡିଆ ମାରିକି
କରି ମଠ ମଠ ଆରମ୍ଭିଲେ ପାଠ
ମନରେ ଉଦାସ ଭରିକି !

ହୋଇ ଗେଜେ ଗେଜେ କହୁଥିଲେ
ଜେଜେ

ଯିଏ ପଢା ଢିଲା କରିବ
ଭବିଷ୍ୟତ ନଷ୍ଟ ପାଇବ ସେ କଷ୍ଟ
କାନ୍ଦି କାନ୍ଦି ଦିନ ସରିବ !

ବିଦ୍ୟାବନ୍ତ ଜନ ଲଭେ ଯଶଧନ
ସବୁଠି ମିଳଇ ସମ୍ମାନ
ବିଦ୍ୟା ନାହିଁ ଯାର ପାଏ ଅନାଦର
ଆଖି ଥାଇ ଅନ୍ଧ ସମାନ !

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

## ଚିତ୍ରେଶ୍ୱରୀ

ସିଦ୍ଧେଶ୍ୱର ପଣ୍ଡା

ଏବେ ଜାଣିଲି ଚିତ୍ରେଶ୍ୱରୀ
ତମକୁ ବୁଝିବାକୁ ଯେତେ ଯେତେ
ଗଭୀରକୁ ଯିଏ ଯାଇଛି
ତାର ଦେହତ ନୁହଁ
ଆତ୍ମାରେ ଛୁଇଁ ଛୁଇଁ ଯାଇଛି
ତମର ନିବିଡ଼ ଭଲପାଇବା ।
ମୋ କପାଳରେ
ତମକୁ ହିଁ ଭଲପାଇବାର ଥିଲା
ପ୍ରାରବ୍ଧର ଫୁଲଫଳ ଏବେ
ଜୀବନ ବୃକ୍ଷରେ ମହକିଲା ।
ସଂସାରରେ ଏତେ ଏତେ
ସୁଖ ଥାଇବି
ମତେ ଦୁଃଖ ଭୋଗିବାକୁ
ସ୍ଥିର ହେଲା ତମରି ପ୍ରେମରେ
ନିଜ ନିଜର ଦୀର୍ଘ ଅନ୍ଧାର
ଭିତରୁ ବାହାରି
ଅନନ୍ତ ଆଲୋକର ବ୍ୟାପ୍ତିରେ ହଜିବାକୁ
କାମନାର ଲଳିତ ଲୋଭାଗ୍ନିରେ
ଜଳିପୋଡି ଶୁଦ୍ଧ ହେବାକୁ କବିତାରେ।
ଅନେକ ଥର ସଂସାର ନଈର କୂଳରେ
ଚୁପ୍ ଚାପ ଦେଖୁଥାଏ
ଅପୂର୍ବ ଦୃଶ୍ୟାବଳି
ଆଉ ତମ ଚିତ୍ରିତ ଶବ୍ଦର ବର୍ଣ୍ଣବୋଧ
ପଢୁଥାଏ ତମେ କିନ୍ତୁ ମୌନ ମୁଦ୍ରାରେ
ମୂକ ମୂର୍ତ୍ତି ପରି
କାଳର କାନ୍ଥରେ ଶୋଭା
ପାଉଥାଅ ନୀରବରେ ।
କେହିବି ମତେ କହିନଥିଲେ
ତମ ପ୍ରେମର ଗୁମର
ତମକୁ ଭଲପାଇବାରେ
ଏତେ ଏତେ ଦୁଃଖ ଯନ୍ତ୍ରଣା
ଥାଏ ବୋଲି
କେବେ ଜାଣିନଥିଲି
ତମ ଭଲପାଇବାର ଭାସ୍କର୍ଯ୍ୟ ଭିତରେ
ମୁଁ ଅସହାୟ ନିରୁପାୟ ଚିରକାଳ
ତମରି ଶ୍ରଦ୍ଧାରେ ଜନ୍ମ ଜନ୍ମ
ଚଳପ୍ରଚଳ ଚିତ୍ରେଶ୍ୱରୀ
ତଥାପି ସରୁନଥାଏ ଜୀବନ ଯାତ୍ରାର
ଅସରନ୍ତି ପଥ
ଭ୍ରମରେ ଘାଣ୍ଟୁଥାଏ
ଭୂମିରୁ ଭୂମା ଯାଏଁ
ଏକା ଏକା ଦିଗରୁ ଦିଗନ୍ତ ।
ନିଜ ଭିତରର ଉର୍ଜାକୁ ନେଇ
ତମ ପ୍ରେମର ପ୍ରବାହରେ
ଜୀବନ ଡଙ୍ଗାଟି
ଭାସିଭାସି ଚାଲିଥାଏ
ସାରା ଆକାଶର କୋଟି କୋଟି
ତାରାଙ୍କ ମେଳରେ
ପ୍ରେମର ବର୍ଣ୍ଣମାଳା ହୋଇ
ତମେ ରୁହ ଚିତ୍ରେଶ୍ୱରୀ
ପ୍ରେମରେ, ପ୍ରାର୍ଥନାରେ, କବିତାର
ପ୍ରତିଟି ଶବ୍ଦରେ ।

+ପ୍ରାଧ୍ୟାପକ ଇଂରାଜୀ ଭାଷା ସାହିତ୍ୟ
ଶୂଳିଆପଦା, ମୟୁରଭଞ୍ଜ
ମୋ: ୯୧୭୮୧୫୩୯୬୨





# ଗୁଣ ଚିହ୍ନେ ଗୁଣିଆ

## ସନ୍ତୋଷ କୁମାର ଅଦାବର



ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ସେ ଅତ୍ୟନ୍ତ ସଙ୍ଗୀତ ପ୍ରେମୀ । ପ୍ରତି ବର୍ଷ ନିଜ ଜନ୍ମ ଦିନରେ ସେ ସଙ୍ଗୀତଜ୍ଞ ମାନଙ୍କୁ ନିଜ ରାଜଦରବାରକୁ ଡାକି ଥାଆନ୍ତି । ଖବର ପାଇ ଆଉ କିଛି ସଂଗୀତଜ୍ଞ ନିଜ ଇଚ୍ଛାରେ ମଧ୍ୟ ଆସନ୍ତି । ରାଜା ନିଜେ ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣ ସଙ୍ଗୀତଜ୍ଞଙ୍କୁ ନିଜ ଦରବାରରେ ରାଜ କର୍ମଚାରୀଙ୍କ ଏବଂ ଅଳ୍ପ ସଂଖ୍ୟକ ପ୍ରଜାଙ୍କ ଉପସ୍ଥିତିରେ ରାଜ ସଙ୍ଗୀତଜ୍ଞ ଉପାଧି ଦେଇ ସମ୍ମାନିତ କରି ଥାଆନ୍ତି । ସେ ଭିତରୁ ଜଣେ ସର୍ବ ଶ୍ରେଷ୍ଠ ସଙ୍ଗୀତଜ୍ଞଙ୍କୁ ସେ ବର୍ଷକ ପାଇଁ ରାଜ ଉଆସରେ ରଖାଯାଏ ଏବଂ ସେ ଦିନକୁ ଦୁଇଥର ସକାଳେ ଓ ସଂଧ୍ୟାରେ ନିଜର ବାଦ୍ୟଯନ୍ତ୍ର ସହ ସଙ୍ଗୀତ ପରିବେଷଣ କରିଥା'ନ୍ତି । ରାଜା ମନଭରି ସଙ୍ଗୀତକୁ ଉପଭୋଗ କରିଥାନ୍ତି ।

ଏବର୍ଷ ମଧ୍ୟ ସଙ୍ଗୀତଜ୍ଞ ମାନେ ରାଜ ଦରବାରରେ ଉପସ୍ଥିତ ହେଲେ । କାରଣ ସେଦିନ ଥିଲା ରାଜାଙ୍କ ଜନ୍ମ ଦିନ । ସମସ୍ତ ସଙ୍ଗୀତଜ୍ଞ ଚାକଚକ୍ୟ ହୋଇ ସଜେଇ ହୋଇ ନିଜର ବାଦ୍ୟଯନ୍ତ୍ର ସହ ଆସିଥା'ନ୍ତି । ପାଞ୍ଚ ଜଣ ଶ୍ରେଷ୍ଠ ସଙ୍ଗୀତଜ୍ଞଙ୍କୁ ଏବଂ ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞଙ୍କୁ ବାଛିବାର ପ୍ରକ୍ରିୟା ଚାଲିଥାଏ ।

ଶ୍ରେଷ୍ଠ ପାଞ୍ଚ ଜଣ ସଙ୍ଗୀତଜ୍ଞଙ୍କୁ ସମ୍ମାନିତ କରାଗଲା । ସେ ବର୍ଷର ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଜଣକୁ ସମ୍ମାନିତ କରାଯିବା ଆଗରୁ ପୁଣିଥରେ ତାକୁ ସଙ୍ଗୀତ ପରିବେଷଣ କରିବାକୁ ରାଜା ଅନୁରୋଧ କଲେ । ସେ ସଙ୍ଗୀତ ପରିବେଷଣ କରୁଥା'ନ୍ତି । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ଗାଈଆଳ ଯୁବକ ନିଜ ସଂଗୀତ କଳାକୁ ଭିତରେ ରଖି ପାରିଲା ନାହିଁ ଏବଂ ସେ ହାତ ଯୋଡ଼ି ଛିଡ଼ା ହୋଇ ସାହସ ଜୁଟାଇ ରାଜାଙ୍କୁ କହିଲା- ହଜୁର, ଏଇ ସଂଗୀତରେ ଅନେକ ଭୁଲ ମୋତେ ସ୍ପଷ୍ଟ ଜଣାପଡୁଛି । ଆପଣଙ୍କର ଆଦେଶ ହେଲେ ମୁଁ ଆହୁରି ନିର୍ଭୁଲ୍ ଭାବରେ ଏ ସଂଗୀତଟିକୁ ପରିବେଷଣ କରିପାରିବି । ସଂଗୀତପ୍ରେମୀ ରାଜା ତାକୁ ଆଦେଶ ଦେଲେ । ସେ ବିନା ବାଦ୍ୟଯନ୍ତ୍ରରେ ଖୁବ ଲଳିତ ସ୍ୱରରେ ସେହି ଗୀତଟିକୁ ଗାଇ ଦେଲା । ସେଠାରେ ଉପସ୍ଥିତ ରାଜକର୍ମଚାରୀ ତଥା ଅନ୍ୟ ପ୍ରଜାଗଣ ବାଃ ବାଃ କହି ସେ ଗାଈଆଳ ଯୁବକଟିକୁ ପ୍ରଶଂସା କଲେ । ରାଜା ମଧ୍ୟ ତା'ର ସଙ୍ଗୀତରେ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ରାଜା ସେ ବର୍ଷ ତାକୁ ଏବଂ ପୂର୍ବରୁ ବଛାଯାଇଥିବା ଜଣକୁ ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଭାବରେ ଉଭୟଙ୍କୁ ଘୋଷଣା କରି ପୁରସ୍କାର ଦେବାକୁ ସ୍ଥିରକଲେ । କିନ୍ତୁ ସେ ଗାଈଆଳ ଯୁବକ ଜଣକ ସଙ୍କୋଚ ଭାବ ପ୍ରକାଶ କଲା । ରାଜା ତାକୁ ପଚାରିଲେ- ତୁମେ କାହିଁକି ଏଥିରେ ଭାଗ ନେଲ ନାହିଁ ? ସେ କହିଲା- ମହାରାଜ, ମୁଁ ସାଧାରଣ ଗୋରୁ ଜଗୁଆଳ ଟାଏ । ନା ମୋ ପାଖରେ ଭଲ ପୋଷାକ ଖଣ୍ଡିଏ ଅଛି ନା ବାଦ୍ୟଯନ୍ତ୍ର ଟିଏ ଅଛି । ଦେଖିବାରେ ମଧ୍ୟ ମୁଁ ଅସୁନ୍ଦର କଦାକାର । ତାଙ୍କର(ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞଙ୍କର) ସଙ୍ଗୀତ ପରିବେଷଣରେ ଥିବା ତ୍ରୁଟି ଦେଖି ମୁଁ ରହି ନ ପାରି ସିନା ଗାଇଦେଲି; କିନ୍ତୁ ମୁଁ ଜଣେ ସଙ୍ଗୀତଜ୍ଞ ନୁହେଁ । ରାଜା କହିଲେ- ସେମିତି କିଛି ନୁହେଁ । ଜଣେ ସଙ୍ଗୀତଜ୍ଞ ପାଇଁ ସୁନ୍ଦର ଚେହେରା ବା ରଙ୍ଗ ଢଙ୍ଗର ଆଦୌ ଆବଶ୍ୟକତା ନାହିଁ । ତା'ର ସୁଲଳିତ ସ୍ୱର ହିଁ ତା'ର ଅସଲ ପରିଚୟ । ତା'ପରେ ତାକୁ ସେ ରାଜା ତାଙ୍କ ରାଜ ଉଆସରେ ସମସ୍ତ ବ୍ୟବସ୍ଥା କରି ରଖିଲେ ଏବଂ ପ୍ରତ୍ୟହ ତା'ର ସଙ୍ଗୀତ ଉପଭୋଗ କଲେ । ଅନ୍ୟ ସଙ୍ଗୀତଜ୍ଞ ମାନେ ମଧ୍ୟ ରାଜାଙ୍କ ବିଚାରରେ ଖୁସି ହେଲେ । ପ୍ରକୃତରେ ସଙ୍ଗୀତକୁ ଭଲ ପାଉଥିବା ରାଜା ଜଣେ ଲୁଚି ରହିଥିବା ପ୍ରତିଭାକୁ ଠିକ ଭାବରେ ଚିହ୍ନି ପାରିଲେ । ପ୍ରତିବର୍ଷ ସେ ନିଜ ଜନ୍ମ ଦିନରେ ସେଭଳି ଲୁଚି ରହିଥିବା ସଙ୍ଗୀତର ପ୍ରତିଭାକୁ ସମ୍ମାନିତ କଲେ ।

+ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ରମେଶ ଚନ୍ଦ୍ର ଦାଶ

# ଦୁଇସାଙ୍ଗ ବୁଝିଲେ



ସୁମନ୍ତ ଓ ହେମନ୍ତ ଦୁଇ ସାଙ୍ଗ । ସେମାନେ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ଧୀରେ ଧୀରେ ସେମାନେ ବଡ଼ ହେବା ସହିତ ପାଠପଢ଼ିବା ପାଇଁ ଅଲଗା ଅଲଗା ଜାଗାକୁ ଗଲେ । ପରେ ସେମାନେ ଅଲଗା ଅଲଗା ଜାଗାରେ ବି ଚାକିରି କଲେ । ତାପରେ ସେମାନେ ଯେତେବେଳେ ଦେଖାହୁଅନ୍ତି ଦୁହେଁ କେବଳ ନିଜର ବଡ଼ପଣିଆ କଥା କହନ୍ତି । ଏହାଫଳରେ ଦୁହିଁଙ୍କ ମଧ୍ୟରେ ସଂପର୍କ କମିବାରେ ଲାଗିଲା । ସୁମନ୍ତ କହେ, "ମୋ ପାଇଁ ହେମନ୍ତ ଚାକିରି ପାଇଛି ।" ହେମନ୍ତ ବି କହେ ସୁମନ୍ତ ତା' ପାଇଁ ଚାକିରି ପାଇଛି ।

ଦିନକର ଘଟଣା । ହେମନ୍ତ ଓ ସୁମନ୍ତର ବାଲ୍ୟ ଶିକ୍ଷକ ଏହା ଜାଣିପାରି ଦିନେ ଦୁହିଁଙ୍କୁ ଏକାଠି ହୋଇ ଆସିବାକୁ ନିମନ୍ତ୍ରଣ କଲେ । କିଏ କାହାକୁ ଡାକିବ ସେମାନଙ୍କ ମଧରେ ଚିନ୍ତା ପଡ଼ିଲା । ଦୁହେଁ କେହି କାହାରିକୁ ନଡାକି ଏକୁଟିଆ ଯିବାକୁ ସ୍ଥିର କଲେ । ସେମାନେ ଏମିତି ବେଳାରେ ବାହାରିଲେ ଦୁହେଁ ଏକାଠି ଶିକ୍ଷକଙ୍କ ଘରେ ପହଂଚିଲେ । ଦୁହିଁଙ୍କୁ ଶିକ୍ଷକ ଏକାଠି ଦେଖି ଖୁସିହେଲେ । ସେ ଏଥିପାଇଁ ଦୁହିଁଙ୍କୁ ଧନ୍ୟବାଦ ଜଣାଇଲେ । ଗୁରୁଜୀଙ୍କ ଧନ୍ୟବାଦରେ ଦୁଇ ସାଙ୍ଗଙ୍କର ମୁହଁ ଲାଲ ପଡ଼ିଗଲା । ସେମାନଙ୍କ ପାଟିରୁ କଥା ବାହାରିଲା ନାହିଁ ।

ତାପରେ ସେ ହେମନ୍ତକୁ ତାଙ୍କ ବାଡ଼ିପଟେ ଥିବା କଦଳୀଗଛରୁ କେତେଖଣ୍ଡ ପତ୍ର କାଟିବାକୁ କହିଲେ । ସଙ୍ଗେ ସଙ୍ଗେ ହେମନ୍ତ ବାହାରିଗଲା । ସେ ଚାଲିଯିବା ଦେଖି ସୁମନ୍ତ କହିଲା, "ଗୁରୁଜୀ, ହେମନ୍ତ ଆଜିକାଲି ବଡ଼ ଗର୍ବି ହୋଇଗଲେଣି ।" ଗୁରୁଜୀ ସବୁ ଶୁଣି ନିରବ ରହିଲେ । ହେମନ୍ତ ଆସିବା ପରେ ସୁମନ୍ତକୁ ପାଣି ମାଠିଆଏ କୁଅରୁ ଆଣିବାକୁ କହିଲେ । ସୁମନ୍ତ ଯିବା ପରେ ହେମନ୍ତ ଗୁରୁଜୀଙ୍କୁ ସୁମନ୍ତ ଗର୍ବି ହେବା କଥା କହିଲା ।

ସୁମନ୍ତ ଫେରିବା ପରେ ଗୁରୁଜୀ ଜୋର୍‌ରେ ଚିତ୍କାର କରି କହିଲେ, "ମୋ ଭଳି ଶିକ୍ଷକ ଆଜିକାଲି କେଉଁଠରେ ପାଇବ ନାହିଁ । ସେଇଥିପାଇଁ ତୁମେ ଦୁହେଁ ମୋ ପାଖକୁ ଆସିଛ ।" ଗୁରୁଜୀଙ୍କ ଏଭଳି ବ୍ୟବହାର ଦେଖି ହେମନ୍ତ ଓ ସୁମନ୍ତ ଟିକେ ଦୂରକୁ ଯାଇ କଥା ହେଲେ ଯେ ଆମ ପିଲାଦିନର ଗୁରୁଜୀଙ୍କ ମୁଣ୍ଡ ଖରାପ ହୋଇଗଲେଣି । ଚାଲ, ଏଠାରୁ ପଳାଇବା ।" ଗୁରୁଜୀ ଏକଥାକୁ ଲକ୍ଷ୍ୟ କରୁଥାଆନ୍ତି ।

ସେ ପୁଣି ପୂର୍ବାବସ୍ଥାକୁ ଫେରିଆସି କହିଲେ, "ତୁମମାନଙ୍କର ଶିକ୍ଷକ ହୋଇ ମୁଁ ମସ୍ତବଡ଼ ଭୁଲ କରିଛି । ଏବେ ପ୍ରାୟଶ୍ଚିତ ଚାହୁଁଛି । ମୋତେ ତୁମେ ଦୁହେଁ ଦେଇପାରିବ ?" ସେମାନେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ଗୁରୁଜୀ କହିଲେ, "ଯେଉଁ ଗୁରୁଜୀର ଶିଷ୍ୟମାନେ ପରସ୍ପରକୁ ଈର୍ଷା କରନ୍ତି, ସେଭଳି ଗୁରୁ ସମାଜରେ ରହିବା ଅପେକ୍ଷା ନରହିବା ଭଲ । ତେଣୁ ସେ ପାଗଳ ହୋଇଯିବା ଉଚିତ୍ ।

ଶିକ୍ଷକଙ୍କ ଏ କଥାର ଗୁରୁତ୍ୱ ଦୁହେଁ ବୁଝିପାରିଲେ । ସେ ଶିକ୍ଷକଙ୍କର ପାଦତଳେ ପଡ଼ି କ୍ଷମା ପ୍ରାର୍ଥନା କଲେ । ପରସ୍ପର ଭିତରେ ଥିବା ଈର୍ଷାକୁ ଭୁଲି ସାଙ୍ଗ ହେଲେ ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

## ରତ୍ନକାନ୍ତି ମିଶ୍ର

# ଉତ୍ତମ ବନ୍ଧୁ



ପ୍ରତୀକ ସପ୍ତମ ଶ୍ରେଣୀରେ ପଢ଼େ । ସେଦିନ ମଧ୍ୟାହ୍ନ ଭୋଜନ ବିରତି ପରେ ବ୍ୟାଗ ଭିତରୁ ବାପା ଦେଇଥିବା ନୂଆ ଡଟପେନ୍‌ର ପ୍ୟାକେଟଟିକୁ ନଦେଖି ବିଚଳିତ ହୋଇ ପଡିଲା । ସବୁ ସାଙ୍ଗମାନଙ୍କୁ ପଚାରି ନିରାଶ ହେବାରୁ ବାଧ ହୋଇ ସ୍କୁଲ ଅଫିସରେ ଯାଇଁ ଜଣାଇଲା ।

ପ୍ରତୀକ ପାଖାପାଖି ବସୁଥିବା ଦୁଇ ଚାରିଜଣ ପିଲାଙ୍କୁ ନିଜ ନିଜ ବ୍ୟାଗ ଖୋଲିବାକୁ ନିର୍ଦ୍ଦେଶ ଦେଲେ ଆସି କ୍ଲାସ ଟିଚର । ସେତେବେଳକୁ କ୍ଲାସର ସବୁ ପିଲା ଆସି ଜମା ହୋଇ ଗଲେଣି । ପ୍ରତୀକ ପଛ ବେଞ୍ଚରେ ବସୁଥିବା ଆଶିଷ ବ୍ୟାଗରୁ ଗୋଟିଏ ଡଟପେନ୍ ପ୍ୟାକେଟ ବାହାରିଲା । କ୍ଲାସ ଟିଚର ତା'କୁ ସେ ପ୍ୟାକେଟ କେଉଁଠୁ ଆଣିଲୁ ବୋଲି ପଚାରିଲେ ତ ସେ ଆଜି ସ୍କୁଲ ଆସିବା ବାଟରେ କିଣିଛି ବୋଲି ଧିରେ ଧିରେ କହିଲା ।

ପ୍ରତୀକ ଚିହ୍ନି ପାରିଲା ତା ପ୍ୟାକେଟ ଟିକୁ । କାରଣ ଗତକାଲି ରାତିରେ ତା' ହାତରେ ଲାଗିଥିବା ପୁରୁଣା ଡଟପେନ୍ ର କାଳି ଟିକେ ନୂଆ ପ୍ୟାକେଟର ଗୋଟିଏ କଣରେ ଲାଗି ଯାଇଥିଲା ।

ସେ ଚାହିଁଲା ଆଶିଷ ମୁହଁକୁ । ପ୍ରତୀକ ଆଡକୁ ସେ ଯେମିତି ବିକଳରେ ଚାହିଁଛି ! ସବୁ ବୁଝିଗଲା ପ୍ରତୀକ । ସେତେବେଳକୁ ଆଶିଷ ମୁହଁ ତଳକୁ କରି ଠିଆ ହୋଇଥିଲା । ସାଙ୍ଗ ତା'ର ଏତେ ପିଲାଙ୍କ ଭିତରେ ଅପମାନିତ ନହେଉ ଏବଂ ଟିଚରଙ୍କ ଦ୍ୱାରା ଦଣ୍ଡିତ ନହେଉ ବୋଲି ପ୍ରତୀକ ଚାହିଁଲା ।

'ସେ ପ୍ୟାକେଟ ମୋର ନୁହେଁ' ବୋଲି କ୍ଲାସ ଟିଚରଙ୍କୁ କହିଲା ପ୍ରତୀକ । ଶିକ୍ଷକ ଫେରିଗଲେ ଏବଂ ଗହଳି ଭାଙ୍ଗିଗଲା ।

ସ୍କୁଲ ଛୁଟି ହେଲାବେଳକୁ ଆଶିଷ ଯାଇଁ ପ୍ରତୀକ ପାଖରେ ନିଜ ଦୋଷ ସ୍ୱୀକାର କଲା ଏବଂ କ୍ଷମା କରିଦେବାକୁ କହିଲା ।

ପ୍ରତୀକ ପଛ କଥା ସବୁ ଭୁଲି ଯିବାକୁ ଆଶିଷକୁ ଅନୁରୋଧ କଲା ।

ସେଇଦିନ ପରଠାରୁ ପ୍ରତୀକ ଆଉ ଆଶିଷ ଦୁଇ ବନ୍ଧୁ ହୋଇଗଲେ ଏବଂ ଡଟପେନ୍ ଚୋରି କରିବାକୁ ପ୍ରବର୍ତ୍ତାଇଥିବା ପିଲାଙ୍କ ସହିତ ଆଶିଷ ଆଉ ବେଶୀ ମିଳୁନଥିଲା ।

+ଆଳି, କେନ୍ଦ୍ରାପଡା

## କବିତା
### ତୁମ ପାଇଁ



### କହିଲ ଦେଖି
### ସୁନୀଲ କୁମାର ପ୍ରଧାନ

ଚାରି ଅକ୍ଷରରେ ନାମ ମୋହର
ତୃତୀୟ ଚତୁର୍ଥ ମିଶାଇ ଦେଲେ
ହାତ ବୋଲି ତୁମେ ଜାଣିବ ଭଲେ
ଦେହଟି ତାର ସବୁଜ ରଙ୍ଗର
ଭିତର ଅଟଇ ନାଲି
ଖରାଦିନ ହେଲେ ପ୍ରଚୁର ମିଳେ
ନାମ ଦିଅ ତାର ଖୋଲି ।

ଉତ୍ତର - ତରଭୁଜ
ଦେହଟି ଅଟଇ ମୋହର କଳା
ଖାଉଥାଏ ଶୀତ ବରଷା ଖରା
ଲୋକ ହାତରେ ମୁଁ ରହିଥାଏ
ରାଜାଙ୍କ ମସ୍ତକେ ଉପରେ ରହେ
କିଏ ସେ କହିବ ନାମଟି ଆହେ ।

ଉତ୍ତର - ଛତା
ଦୁଇ ଅକ୍ଷରରେ ନାମ ମୋହର
ମୋ ଠାରେ ଲୋକଙ୍କ ନାହିଁ ଆଦର
ନିଆଁ ଭଳି ମୁହିଁ ଝଲସୁ ଥାଇ
ନଈ ନାଳ ସବୁ ଶୁଖେଇ ଦେଇ
ଦିଅ ଦିଅ ମୋର ନାମ ବତାଇ ।
ଉତ୍ତର - ଖରା

ଝାଟିପଦର , ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬

### ଦିଅ ତାକୁ ଦିଅ
### କୀର୍ତ୍ତନ ସାହୁ

ଦିଅ ତାକୁ ଦିଅ
ଖାଇବାକୁ ଦିଅ
ଖାଇ ପିଇ ସୁସ୍ଥ ହେଉ
ଧୀରେ ଧୀରେ ସିଏ ବଡ ହୋଇ ଦିନେ
ଭଲ କାମ ହାତେ ନେଉ ।

ଦିଅ ତାକୁ ଦିଅ
ବହି ଖାତା ପତ୍ର
ପଢୁସିଏ ମନ ଦେଇ
ଆଗକୁ ଆଗକୁ ଅଧିକ ପଢ଼ିବ
ସଭିଙ୍କର ମନ ନେଇ ।

ଦିଅ ତାକୁ ଦିଅ
କାଗଜ ପେନସିଲ
ଆଙ୍କି ଶିଖୁ ନିଜେ ଛବି
ଧୀରେ ଧୀରେ ଆଙ୍କୁ ପତ୍ର ଫୁଲ ଫଳ
ଆଙ୍କୁ ଜହ୍ନ ତାରା ରବି ।

ଦିଅ ତାକୁ ଦିଅ
ଗାଇବାକୁ ଗୀତ
ସ୍ୱର କରି ନିଜେ ଗାଉ
ଅଭ୍ୟାସ ବଳରେ ଭଲ ଗୀତ ଗାଇ
ସବୁଠି ପ୍ରଶଂସା ପାଉ ।

ଏଇମିତି କେତେ କେତେ କାମ ଅଛି
ଶିଖି ଯିବ କୁନି ଝିଅ
ଜୀବନ ତା ହେବ ସରସ ସୁନ୍ଦର
ସଭିଙ୍କର ହେବ ପ୍ରିୟ ।

ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ପଣା ଋଣ ସୁଝିଲୁ କି ?
### ଶୁଭନାରାୟଣ ଶତପଥୀ

ପଣା ସଂକରାନ୍ତି ଆସିଲାଣି ଦେଖ
ମାଧିଆ ଆଣିଛି ବେଲ
ତୁଳସୀ ଚଉରା ଉପରେ ବାନ୍ଧୁଛି
ଛାଇ ପାଇଁ ଚାଂଚ ଚାଳ
ପଣା ଅରପଣ କରିବା ପାଇଁକି
ଜପେ ମହାବୀର ଜୟ
ସର୍ବ ଦେବାଦେବୀ ହୁଅନ୍ତୁ ପ୍ରସନ୍ନ
ଯାଉ ମୋ ମନରୁ ଭୟ
କଦଳୀ, ନଡିଆ, ଦହି ଆଉ ଫଳ
ସରବତ ପାଇଁ ଭଲ
ସୁଆଦ ସାଙ୍ଗକୁ ଖରାରୁ ସୁରକ୍ଷା
ପଟିରୁ ବୁହଇ ଲାଳ
ପୂଜା ପଣା ଧରି ମାଧିଆ ଆସିଲା
ଦେଖିଲା ବାଟରେ ପକ୍ଷୀ
ଗରମରେ ହୁଏ ଡହଳବିକଳ
ପାଣି ପାଣି ଡାକି ଡାକି
ସହିପାରିଲାନି ଦେଲା ପଣା ଘଡି
ପିଇ ପକ୍ଷୀ ଗଲା ଉଡି
ଉଡିବା ଆଗରୁ କଥା ଦେଇଗଲା
ଋଣ ତୋ ସୁଝିବି ବୋଲି
ଦିନେ ବସିଥିଲା ବରଗଛ ମୂଳେ
ମାଧିଆ ମନକୁ ମାରି
ମାଧିଆର ସୁନା ଚେନ୍ ଆଣିଦେଲା
ପକ୍ଷୀ ତା ଥଂଟରେ ଧରି
ଚେନ୍ ପାଇଯାଇ ମାଧିଆ ପଚାରେ
ପଣା ଋଣ ସୁଝିଲୁ କି ?
ଚୋରି ଦେଖିଥିଲି ପକ୍ଷୀଟି କହିଲା
ଚୋରଠୁ ଆଣିଲି ଝାମ୍ପି

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

### ଆସରେ ପାଳିବା ବିଷୁବ ପର୍ବ...
### ରାମଚନ୍ଦ୍ର ବେହେରା

ବସନ୍ତ ଫେରିଲା ଗ୍ରୀଷମ ଆସିଲା
ବୈଶାଖ ଛୁଇଁଲା ଧରା
ବିଷୁବ ସଂକ୍ରାନ୍ତି ପରଶେ ମହୀରେ
ପ୍ରଖର ହୋଇଲା ଖରା ।

ଓଡିଆ ମାନଂକ ନୂଆ ବର୍ଷ ପରା
ଏହି ବିଷୁବ ପରବ
ଏହିଦିନ ଠାରୁ ନୂଆ ଓଷା ବ୍ରତ
ପାଳନ୍ତି ହରଷେ ସର୍ବ ।

ସୂରୁଜ ରହିଲେ ବିଷୁବ ରେଖାରେ
ଅସହ୍ୟ ହୋଇଲା ତାତି
ହନୁମାନଂକର ଜନମ ଦିବସ
ପରାଣେ ଭରିଲା ଶାନ୍ତି ।

ଦେବୀ ଦେବତାଂକୁ ଭକ୍ତିଭାବ ସହ
ପୂଜିଲେ ରାଇଜେ ଜନେ
ଛତୁଆ ନଡିଆ ଛେନା କଦଳୀରେ
ପଣା ଦେଲେ ଖୁସି ମନେ ।

ସାରା ଶକ୍ତିପୀଠେ ଭକ୍ତଂକ ଗହଳି
ଦିଶିଲା ପୁର ପଲ୍ଲୀରେ
ଜଳନ୍ତା ନିଆଁରେ ପାଟୁଆ ଚାଲିଲେ
ମାତାଂକ କରୁଣା ବଳେ ।

ଏହିଦିନ ଠାରୁ ଅଗ୍ନି ଓ ବାୟୁର
ଗତି ହୋଇଲା ପ୍ରଖର
ଦହି ଆଖୁରସ ବେଲପଣା ଆଦି
ଶୀତଳ କଲା ଶରୀର ।

ଆମରି ସଂସ୍କୃତି ଆମ ପରମ୍ପରା
ସୁଖ ଶାନ୍ତି ଦିଏ ପ୍ରାଣେ
ଆସ ମିଳିମିଶି ବିଷୁବ ପର୍ବକୁ
ପାଳିବା ହରଷ ମନେ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ଶିଶୁ ରାଇଜ
### ସୁବ୍ରତ କୁମାର ଜେନା

କେଡେ ସୁନ୍ଦର ଆମ ଶିଶୁ ରାଇଜ
ହୁଅଇ ସେଠି କେତେ ମଉଜ
ଆମ ଭିତରେ ନଥାଏ କେବେ ଭେଦ
ଖୁସିରେ ପାଳୁ ସଭିଏଁ ରଜ ।

ନଥାଏ ଚିନ୍ତା ନଥାଏ ପୁଣି ଦୁଃଖ
ଆଖିରେ ଥାଏ ଭରା ସ୍ୱପ୍ନ
ଏଇନେ ହସ ଏଇନେ ପୁଣି କାନ୍ଦ
ଦେଖିଲେ ଦୂର ଆକାଶ ଜହ୍ନ ।

ସୂର୍ଯ୍ୟ ଉଇଁଲେ ସଂଜଟି ନଇଁ ଆସେ
ଆଇମା ପାଖେ ବଢଇ ଭିଡ଼
ଟୁଆଁ ଟୁଇଁ ପରି କେତେଯେ କାହାଣୀ
ଶୁଣି ଶୁଣି ଆସେରେ ପୁଣି ନିଦ ।

ଜାତି ଜାତିକା ଖେଳରେ ପୁଣି ଭରା
ଆମରି ସଂଜ ଆଉ ସକାଳ
ବାଲି କାଦୁଅ ଦେହରେ ବୋଳି
କରୁଯେ କେତେ ବୋବାଳ ।

ମନରେ ଆମ ଥାଏ ଅନେକ ଡର
ଶୁଣି କାହାଣୀ ଭୂତଙ୍କର
ଡରି ଯାଇ ଆମେ ଲୁଚାଉ ମୁହଁ
ଖୋଜା ପଡେ ବୋଉର କୋଳ ।

ଆମେ ଟିକେ ଚଗଲା ଟିକେ ବଗୁଲା
ଏଇ ଆମରି ପିଲାଦିନ
ଥରୁଟେ ଗଲେ ଏଇ ସମୟ ଚାଲି
ଝୁରି ହୁଅଇ ପୁଣି ମନ ।

ଶୂରଡିହ,ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦



# ଆଜିଠାରୁ ନିର୍ବାଚନ ଭଣ୍ଡୁର ନେଇ ଗାଁ ଗାଁରେ ରାଲି କରିବ ନକ୍ସଲ ସଂଗଠନ: ସୀମାରେ ହାଇଆଲର୍ଟ



ମାଲକାନଗିରି, ୧୧/୪ (ନି.ପ୍ର): ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ନକ୍ସଲ ସଂଗଠନର କେନ୍ଦ୍ରୀୟ କମିଟି ପ୍ରଥମରୁ ହିଁ ଲୋକଙ୍କୁ ଏଥିରେ ଭାଗ ନନେବାକୁ ଆହ୍ୱାନ ଦେଇଛି। ତେବେ ଆସନ୍ତାକାଲି ଠାରୁ ନକ୍ସଲ ସଂଗଠନ ପକ୍ଷରୁ ଛତିଶଗଡ ଏବଂ ମାଲକାନଗିରି ଜିଲ୍ଲାର ଦୁର୍ଗମ ଗାଁଗୁଡିକରେ ନକ୍ସଲ ନିର୍ବାଚନକୁ ଭଣ୍ଡୁର କରିବା ନେଇ ରାଲିର ଆୟୋଜନ କରିବ ନେଇ ସ୍ପଷ୍ଟ କରିଛି। ଦୀର୍ଘ ଦିନ ଧରି ମାଲକାନଗିରି ଜିଲ୍ଲାରେ ନକ୍ସଲଙ୍କର କୌଣସି ଗତିବିଧି କିମ୍ବା ଅଘଟଣ ଘଟାଇବା ଭଳି କୌଣସି ଘଟଣା ଘଟିନଥିଲେ ମଧ୍ୟ ନକ୍ସଲ ଚୁପ ରହିବା ଆଗକୁ ବିପଦ ଆସୁଥିବାର ଆଶଂକା କରାଯାଉଛି।

ଛତିଶଗଡରେ ନକ୍ସଲ ପ୍ରତିଦିନ କୌଣସି ନା କୌଣସି ସ୍ଥାନରେ ହିଂସା ଘଟାଉଥିବା ବେଳେ ମାଲକାନଗିରିରେ ସେଭଳି କୌଣସି ଘଟଣା ଘଟୁ ନାହିଁ। କିନ୍ତୁ ପୁଲିସ ଏବଂ ସୁରକ୍ଷାକର୍ମୀ ସତର୍କତା ଅବଲମ୍ବନ କରୁଛନ୍ତି। ଆଗକୁ ଛତିଶଗଡ଼ରେ ଲୋକସଭା ଏବଂ ଓଡିଶାରେ ବିଧାନସଭା ନିର୍ବାଚନ ରହିଥିବାରୁ ଦିଲ୍ଲୀ ଠାରୁ ମାଲକାନଗିରି ପର୍ଯ୍ୟନ୍ତ ନକ୍ସଲ ଦମନ ନେଇ ବୈଠକ ବସୁଛି।ନକ୍ସଲ ଗତିବିଧି ଉପରେ ଗୁଇନ୍ଦା ତୀକ୍ଷଣ ନଜର ରଖିଥିବା ବେଳେ କୌଣସି ଅଘଟଣକୁ ଏଡାଇବା ପାଇଁ ସମସ୍ତେ ସଜାଗ ରହିଛନ୍ତି। ସେହିପରି ଓଡିଶା ଓ ଛତିଶଗଡ଼ ସୀମାରେ ହାଇଆଲର୍ଟ ଜାରି କରାଯାଇଛି। ସୀମାରେ କଡ଼ାକଡ଼ି ଯାଞ୍ଚ ଚାଲିଛି। ସମସ୍ତ ଯାନବାହନ ସହ ସଂଦେହ କରାଯାଉଥିବା ବ୍ୟକ୍ତିଙ୍କୁ ଅଟକାଇ ପଚରାଉଚରା କରାଯାଉଛି। ନକ୍ସଲ ଯେପରି ନିର୍ବାଚନକୁ ଭଣ୍ଡୁର ନକରିପାରନ୍ତି ସେଥିପାଇଁ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୀମାରେ ଓଡ଼ିଶାର ସୁରକ୍ଷାକର୍ମୀ ଏବଂ ଛତିଶଗଡ଼ର ସୁରକ୍ଷାକର୍ମୀ ମିଳିତ ଭାବେ କୁମ୍ବିଂ କରୁଥିବା ଦେଖିବାକୁ ମିଳିଛି। ଆସନ୍ତାକାଲି ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନକ୍ସଲ ସଂଗଠନ ପକ୍ଷରୁ ଗାଁ ଗାଁରେ ସଚେତନତା ରାଲି ସହ ନିର୍ବାଚନକୁ ବର୍ଜନ କରିବା ପାଇଁ ଯେଉଁ ଆହ୍ୱାନ ଦିଆଯାଇଛି, ତାହା ଗୁରୁତ୍ୱର ସହ ନେଇଛି ପୁଲିସ। ପୁଣି ଆସନ୍ତା ୧୫ ତାରିଖ ଦିନ ୫ଟି ରାଜ୍ୟରେ ବନ୍ଦ ଡାକରା ଦିଆଯାଇଥିବାରୁ ତାକୁ ନେଇ ଏବେ ଠାରୁ ପୁଲିସ ସତର୍କତା ଅବଲମ୍ବନ କରୁଛି। ସମସ୍ତ ନକ୍ସଲ ପ୍ରବଣ ଅଂଚଳଗୁଡିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛି। ଗାଁ ଗାଁରେ ଥିବା ମିଲିସିଆଙ୍କୁ ପୁଲିସ ଟାର୍ଗେଟ କରିବ। ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକରେ ମଧ୍ୟ ଏଥର ଶାନ୍ତିପୂର୍ଣ୍ଣ ମତଦାନ ହେବା ନେଇ ସମସ୍ତ ପ୍ରସ୍ତୁତି ସରିଛି। ସ୍ୱାଭିମାନ ଅଂଚଳରେ ନକ୍ସଲ ପ୍ରତିବର୍ଷ ନିର୍ବାଚନକୁ ଭଣ୍ଡୁର କରିଆସୁଥିଲେ। ଏଥର କିନ୍ତୁ ସମସ୍ତ ଜନତା ନିର୍ଭୟରେ ନିଜ ନିଜର ଭୋଟଦାନ କରିପାରିବେ ବୋଲି କୁହାଯାଇଛି। ତେବେ ଆସନ୍ତା ତିନି ଦିନ ପୁଲିସ ଏବଂ ସୁରକ୍ଷାକର୍ମୀଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏହାକୁ କିପରି ମୁକାବିଲା କରୁଛି ଦେଖିବାକୁ ବାକି ରହିଲା।

# ପ୍ରଥମଥର ନିଜ ଗାଁରେ ଦେବେ ଭୋଟ୍: ଜଳବନ୍ଦୀ ଅଞ୍ଚଳରେ ହେବ ବୁଥ୍

ତେନ୍ତୁଳିଖୁଣ୍ଟି, ୧୧/୪ (ନି.ପ୍ର): ସ୍ୱାଧୀନତା ପରେ ପ୍ରଥମଥର ସାଧାରଣ ନିର୍ବାଚନରେ ନିଜ ଗାଁରେ ମତଦାନ କରିବେ ଜଳବନ୍ଦି ଅଞ୍ଚଳବାସୀ। ୨୦୧୯ ସୁଦ୍ଧା ଯେତିକିଥର ଲୋକସଭା କିମ୍ବା ବିଧାନସଭା ନିର୍ବାଚନ ହୋଇଛି ମତଦାନ ପାଇଁ ଡଙ୍ଗାରେ ଯାଇଛନ୍ତି ଏଠାକାର ଭୋଟର। ଏଥିପାଇଁ ସକାଳୁ ଗାଁରୁ ବାହାରିଲେ ଭୋଟ ଦେଇ ଫେରିଲା ବେଳକୁ ସଂଧ୍ୟା ହୋଇଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଇନ୍ଦ୍ରାବତୀ ଜଳଭଣ୍ଡାର ଯୋଗୁଁ ବିଛିନ୍ନ ହୋଇ ରହିଥିବା ୫ଖଣ୍ଡ ଗାଁ ପାଇଁ ନିଜ ଅଞ୍ଚଳରେ ବୁଥ୍ କରିଛି ପ୍ରଶାସନ। ତେନ୍ତୁଳିଖୁଣ୍ଟି ବ୍ଲକ ଦେଇ ପ୍ରବାହିତ ଇନ୍ଦ୍ରାବତୀ ନଦୀର ଅପରପାର୍ଶ୍ୱରେ ରହିଛି ଟାଙ୍ଗନିକୋଟ, ଗୁରୁମାଇଗୁଡ଼ା, ବାଗ୍ରା, ତଳଙ୍ଗ ଓ ଝଲାଗୁଡ଼ା ଗାଁ। ଲୋକେ ଡଙ୍ଗାରେ ହିଁ ଯାତାୟାତ କରୁଥିଲେ। ତେବେ ଇନ୍ଦ୍ରାବତୀ ଜଳଭଣ୍ଡାର ହେବାପରେ ଅନେକ ସ୍ଥଳଭାଗ ବୁଡ଼ିଯିବାରୁ ଜଳପଥରେ ଉପରୋକ୍ତ ଗାଁଗୁଡ଼ିକର ଦୂରତା ଆହୁରି ବଢ଼ିଗଲା। ମତଦାନ ପାଇଁ ମଞ୍ଜାଗାଁ ପଞ୍ଚାୟତକୁ ଜଳପଥରେ ଆସିବାକୁ ପଡୁଥିଲା। ଏଥର କିନ୍ତୁ ନିଜ ଗାଁରେ ହିଁ ୫୪୧ଜଣ ଭୋଟରଙ୍କ ମତଦାନ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଟାଙ୍ଗନିକୋଟ ଗାଁରେ ୨୬୮ଜଣ ଭୋଟର ଓ ଗୁରୁମାଇଗୁଡ଼ା ଗାଁରେ ୨୭୩ଜଣ ଭୋଟରଙ୍କ ନିମନ୍ତେ ସ୍ୱତନ୍ତ୍ର ମତଦାନ କେନ୍ଦ୍ର କରିବାକୁ ନିଷ୍ପତ୍ତି ହୋଇଛି। ବ୍ଲକ ପ୍ରଶାସନ ମଧ୍ୟ ମତଦାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବିଡିଓ ମନୋଜ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ତହସିଲଦାର ରାଜକିଶୋର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ସହାୟକ କୈଳାସଚନ୍ଦ୍ର ଦାଶ, ବରିଷ୍ଠ ରାଜସ୍ୱ ସହାୟକ ଦୁର୍ଗା ମାଧବ ପଣ୍ଡା, ରାଜସ୍ୱ ସହାୟକ ସୁନିଲ କୁମାର ତ୍ରିପାଠୀ, ସତ୍ୟଶୋଭନ ଦାସ, ରାଜସ୍ୱ ନିରୀକ୍ଷକ ବଳରାମ ଦାସ ପ୍ରମୁଖ ଅଚଳ ମୋଟର ଚାଳିତ ବୋଟ୍ ମରାମତି କରିଛନ୍ତି। ବୋଟ୍ ଅପରେଟର ଡମ୍ବୁ ମୁଦୁଲି ଏବଂ ମନୋଜ ଗରଡା ମରାମତି ପରେ ପରଖିଛନ୍ତି। ସମସ୍ତ ମରାମତି ଖର୍ଚ୍ଚ ରେଡ୍‌କ୍ରସ୍ ପାଣ୍ଠିରୁ ବିନିଯୋଗ କରାଯାଇଛି। ଉପରୋକ୍ତ ଗାଁଗୁଡ଼ିକରେ ପୂର୍ବରୁ ୪ଥର ପଞ୍ଚାୟତ ନିର୍ବାଚନ ନିମନ୍ତେ ବୁଥ୍ ହୋଇସାରିଛି। ତେବେ ଲୋକସଭା କିମ୍ବା ବିଧାନସଭା ନିର୍ବାଚନ ନିମନ୍ତେ କେବେ ମତଦାନ କେନ୍ଦ୍ର ହୋଇନଥିଲା। ଭୋଟରଙ୍କ ସୁବିଧାକୁ ଦୃଷ୍ଟିରେ ଗାଁରେ ମତଦାନ ହେଉଥିବାରୁ ନିଜ ଗାଁରେ ପସନ୍ଦର ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଭୋଟଦେବାକୁ ଗ୍ରାମବାସୀ ପ୍ରଥମଥର ସୁଯୋଗ ପାଇବେ।

# କେବେ ସରିବ ନିର୍ମାଣାଧୀନ ପ୍ରକଳ୍ପ ଜମି ଅଧିଗ୍ରହଣରେ ଚିରାଚରିତ ଅବହେଳା ?

ରାଉରକେଲା, ୧୧/୪ (ନି.ପ୍ର): ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ନିର୍ମାଣ ଅବଧି ବି ଶେଷ ହେଲାଣି। କିନ୍ତୁ ଜମିଅଧିଗ୍ରହଣରେ ଅଯଥା ବିଳମ୍ବ ଯୋଗୁଁ ପ୍ରକଳ୍ପର ଭାଗ୍ୟ ଫିଟିପାରୁନି। ସଂପ୍ରତି ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଛି। ଏହାପରେ ମୌସୁମୀ ଧସେଇ ପଶିବା ସହ ବର୍ଷା ଋତୁ ଆରମ୍ଭ ହୋଇଯିବ। ଏଣୁ ଅନ୍ତତଃ ଆଉ ୩/୪ ମାସ ଏହି ପ୍ରକଳ୍ପର ଅଗ୍ରଗତି ହେବା ସମ୍ଭାବନା ପ୍ରାୟ କ୍ଷୀଣ। ରାଉରକେଲାବାସୀଙ୍କ ଛଅ ଦଶନ୍ଧି ପୁରୁଣା ଦାବି, ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ ଏଯାଏ ବାସ୍ତବ ରୂପ ନେଇପାରୁନି। ଜମି ଅଧିଗ୍ରହଣରେ ରାଜ୍ୟ ସରକାରଙ୍କ ଚିରାଚରିତ ଅବହେଳା ଏହାର ମୁଖ୍ୟ କାରଣ ପାଲଟିଛି। ମିଳିଥିବା ସୂଚନା ମୁତାବକ, ଏପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାର ୭ଟି ଗାଁରୁ ୭୬.୫ ଏକର ଜମି ଅଧିଗ୍ରହଣ କରାଯାଇନଥିବାବେଳେ ଦେବଗଡ଼ ଜିଲ୍ଲାର ୪ଟି ଗାଁର ୧୨୩.୮୩ ଏକର ଜମି ବାକି ଅଛି। ଉଲ୍ଲେଖଯୋଗ୍ୟ, ତାଳଚେର ପଟୁ ନିର୍ମାଣ କାର୍ଯ୍ୟ ବେଗ ଧରିଛି। ତାଳଚେର-ସୁନାଖଣି ଓ ସୁନାଖଣି-ସାମଲ ରେଳପଥ ନିର୍ମାଣ ଶେଷ ହୋଇସାରିଛି। ଏବେ ସାମଲ-ପରବିଲ, ପରବିଲ-ଖମାର ଓ ଖମାର-ଶ୍ରୀରାମପୁର କାମ ନିର୍ମାଣାଧୀନ ଥିବାବେଳେ ଶ୍ରୀରାମପୁର-ପାଲଲହଡ଼ା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। କେବଳ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ ସମ୍ପନ୍ନ ହୋଇନଥିବାରୁ ପ୍ରାୟ ୬୫ କିଲୋମିଟର ବିଶିଷ୍ଟ ପାଲଲହଡ଼ା-ବିମଳାଗଡ଼ ରେଳପଥ ନିର୍ମାଣ ଆରମ୍ଭ ହୋଇପାରୁନି। ସେହିଭଳି ୭.୬୮ କୋଟି ବ୍ୟୟ ଅଟକଳରେ ୨୦୧୭-୧୮ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ଲହଣ୍ଡା-ମିଟକୁନ୍ଦୁରୀ ସେତୁ ଶେଷ ହେବାର ନାଁ ନେଉନି। ଜମି ସମସ୍ୟା ଯୋଗୁଁ ଆପ୍ରୋଚ୍ ରୋଡ୍ ଓ ସେତୁର ଗୋଟିଏ ସ୍ଲାବବ୍ ନିର୍ମାଣ ହୋଇପାରୁନି। ଏହି ପ୍ରକଳ୍ପ ସଂପନ୍ନ କରିବାକୁ ହେଲେ ଖୁଣ୍ଟଗାଁରେ ୪୬ ଡିସିମିଲ ଓ ମିଟକୁନ୍ଦୁରୀଠାରେ ୨୭ ଡିସିମିଲ, ମୋଟ୍ ୭୩ ଡିସିମିଲ ଜମି ଆବଶ୍ୟକ। କିନ୍ତୁ ପ୍ରଶାସନ ଏହି ଜମି ଅଧିଗ୍ରହଣ କରିପାରୁନଥିବାରୁ ପ୍ରକଳ୍ପ ଅଧପନ୍ତରିଆ ହୋଇପଡ଼ିରହିଛି। ଏତଦ୍‌ବ୍ୟତୀତ ରାଉରକେଲା ଓ ଟାଟାନଗରକୁ ସଂଯୋଗ ପାଇଁ ନିର୍ମାଣାଧୀନ ଜାତୀୟ ରାଜପଥ ୩୨୦ ଡି' ମଧ୍ୟ ସମାନ ଦଶା ଭୋଗୁଛି। ଏହି ପ୍ରକଳ୍ପ ପାଇଁ ୨୦୯.୫୦ କୋଟି ଅନୁମୋଦିତ ବି ହୋଇସାରିଛି। ଏହି ପ୍ରସ୍ତାବିତ ଜାତୀୟ ରାଜପଥ ବନ୍ଧମୁଣ୍ଡା-ବିଶ୍ରା-ମନୋହରପୁର ବରପୋଷ-କାଏଦା-ଗୋଏଲକେରା-ସୈନିଆ-ଚକ୍ରଧରପୁର ଦେଇ ଟାଟାନଗରକୁ ସଂଯୋଗ କରିବ। ପ୍ରଥମ ପର୍ଯ୍ୟାୟ ଜମି ଅଧିଗ୍ରହଣ ପ୍ରକ୍ରିୟା ବି ସମ୍ପନ୍ନ ହୋଇନି। ବିଶ୍ରା-ଜରେକେଲା (୨୪.୫ କିଲୋମିଟର) ମଧ୍ୟରେ ପ୍ରକଳ୍ପ ପାଇଁ ୧୩୮ ଏକର ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। କିନ୍ତୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉନଥିବାରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗେଇପାରୁନି। କୁକୁଡ଼ା ଗେଟ୍ ଲେଭେଲ୍ କ୍ରସିଂରେ ନିର୍ମାଣାଧୀନ ରୋଡ୍ ଓଭରବ୍ରିଜ୍(ଆର୍‌ଓବି) ପ୍ରକଳ୍ପର ମଧ୍ୟ ଭାଗ୍ୟ ଫିଟିପାରୁନି। ୨୦୧୮ ମସିହାରୁ ଅନୁମୋଦିତ ଏହି ପ୍ରକଳ୍ପର ଭାଗ୍ୟ ସମାନ ଜମି ସମସ୍ୟା ଯୋଗୁଁ ଝୁଲିରହିଛି। ବର୍ତ୍ତମାନ ସାଧାରଣ ନିର୍ବାଚନ ଓ ପରେ ବର୍ଷାଋତୁ ଯୋଗୁଁ ନିର୍ଦ୍ଦିଷ୍ଟ କେବେ ପ୍ରକଳ୍ପ ବେଗ ଧରିବ ଓ ସମ୍ପନ୍ନ ହେବ; ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଜଳୁଛି ଗୁମ୍ମା ସଂରକ୍ଷିତ ଜଙ୍ଗଲ: ପାହାଡ଼ରୁ ପାହାଡ଼କୁ ବ୍ୟାପୁଛି ନିଆଁ

ରାୟଗଡ଼ା, ୧୧/୪ (ନି.ପ୍ର): ଜଳୁଛି ଗୁମ୍ମା ସଂରକ୍ଷିତ ଜଙ୍ଗଲ। ଏକର ଏକର ଅଞ୍ଚଳରେ ଲାଗିଛି ନିଆଁ। ଆୟତ୍ତ କରିବାରେ ବନ ବିଭାଗ ବିଫଳ ହେବାରୁ ଗୋଟିଏ ପାହାଡ଼ରୁ ଅନ୍ୟ ପାହାଡ଼କୁ ବ୍ୟାପୁଛି ନିଆଁ। ଫଳରେ ମୂଲ୍ୟବାନ ଗଛ ଜଳିପୋଡ଼ି ପାଉଁଶ ହେବା ସହ ବହୁ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ରାୟଗଡ଼ା ବନାଞ୍ଚଳ ଅଧୀନରେ ରହିଥିବା ୧୭ଟି ସଂରକ୍ଷିତ ଓ ୨୩ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ନିଆଁର ପ୍ରକୋପ ଦେଖିବାକୁ ମିଳିଛି। ୩୨୬ ନଂ ଜାତୀୟ ରାଜପଥର ଗୁମ୍ମା ଘାଟିରେ ଥିବା ସଂରକ୍ଷିତ ଜଙ୍ଗଲ ଗତ ୩ଦିନ ହେଲା ଜଳୁଛି। ରାସ୍ତାକୁ ଜଙ୍ଗଲ ନିଆଁ ଦୃଶ୍ୟମାନ ହେଉଥିଲେ ମଧ୍ୟ ବନ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନି। ସନ୍ଧ୍ୟାରେ ଦୁର୍ବୃତ୍ତ ନିଆଁ ଲଗାଉଥିବା ବେଳେ ରାତି ପାହିବା ବେଳକୁ ଜଙ୍ଗଲ ଗଛପତ୍ର ପୋଡ଼ି ଅଙ୍ଗାର ହୋଇଯାଉଛି। ୯୦୦ ବର୍ଗ କିଲୋମିଟର କ୍ଷେତ୍ର ବିଶିଷ୍ଟ ରାୟଗଡ଼ା ବନାଞ୍ଚଳରେ ଗତ ଜାନୁଆରିରୁ ଆଜି ସୁଦ୍ଧା ୨୭୮ଟି ପଏଣ୍ଟରେ ନିଆଁ ଲାଗିଥିବା ଓଏଫ୍‌ଏମ୍‌ଏସ୍ ସାଟେଲାଇଟ୍ ପୋର୍ଟାଲରୁ ଜଣାପଡ଼ିଛି। ବିଶେଷ କରି ମାର୍ଚ୍ଚ ୧୫ରୁ ଏପ୍ରିଲ୍ ୧୦ ତାରିଖ ମଧ୍ୟରେ ୬୬ଟି ସ୍ଥାନରେ ନିଆଁର ପ୍ରକୋପ ଭୟାବହ ରହିଛି। ରାୟଗଡ଼ା ବନାଞ୍ଚଳ ଅଧୀନସ୍ଥ ଗୁମ୍ମା ସେକ୍ସନର କୋଦୁପାଡୁ, ଗୁମ୍ମା, କୁମ୍ଭିକୋଟା ଓ ନାଥମା ସଂରକ୍ଷିତ ଜଙ୍ଗଲ ସମେତ ରାୟଗଡ଼ା ସେକ୍ସନର ବାରିଝୋଲା, ମାରିଗୁଡ଼ା ସଂରକ୍ଷିତ ଜଙ୍ଗଲ, କୁମୁଟିପେଣ୍ଠ ସେକ୍ସନ ଅଧୀନରେ କୈଳାସପେଟା ସଂରକ୍ଷିତ ଜଙ୍ଗଲର ସର୍ବାଧିକ ସ୍ଥାନରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ୧୨ ହଜାର ୯୦୦ ହେକ୍ଟରରେ କୋଦୁପାଡୁ ସଂରକ୍ଷିତ ଜଙ୍ଗଲ ପରିପୂର୍ଣ୍ଣ ରହିଥିବା ବେଳେ ୪୨୫୨ ହେକ୍ଟରରେ ଗୁମ୍ମା, ୧୪୫୩ ହେକ୍ଟରରେ ବାରିଝୋଲା, ୯୧୮ ହେକ୍ଟରରେ ମାରିଗୁଡ଼ା, ୪୯୧୨ ହେକ୍ଟରରେ କୁମ୍ଭିକୋଟା, ୩୮୦ ହେକ୍ଟରରେ ନାଥମା ଏବଂ ୫୪୩୦ ହେକ୍ଟରରେ ପରିପୂର୍ଣ୍ଣ ହୋଇ ରହିଛି କୈଳାସପେଟା ସଂରକ୍ଷିତ ଜଙ୍ଗଲ। ପ୍ରତିବର୍ଷ ରାୟଗଡ଼ା ବନାଞ୍ଚଳର ସଂରକ୍ଷିତ ଜଙ୍ଗଲ ସମେତ ଅନ୍ୟାନ୍ୟ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ନିଆଁକୁ ଆୟତ୍ତ କରିବା ପାଇଁ ରାୟଗଡ଼ା ଡିଏଫ୍ଓ ସଚିନ ଆନ୍ନାସାହେବ ଓହୋଲଙ୍କ ନେତୃତ୍ୱରେ ରାୟଗଡ଼ା ବନଖଣ୍ଡର ୭ଟି ବନାଞ୍ଚଳରେ ଥିବା ସଂରକ୍ଷିତ ଓ ପ୍ରସ୍ତାବିତ ଜଙ୍ଗଲରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ରାୟଗଡ଼ା ବନାଞ୍ଚଳରେ ବନ ବିଭାଗ କର୍ମଚାରୀଙ୍କ ସମେତ ୨୨ଟି ନିଆଁ ଲିଭାଳି ଦଳକୁ ନିୟୋଜିତ କରାଯାଇଥିଲେ ତାହା ନିଅଣ୍ଟ ପଡ଼ିଛି। ଜଙ୍ଗଲ ନିଆଁ ଥମିବାର ନାଁ ନେଉନି। ଜାନୁଆରିରୁ ଏପ୍ରିଲ୍ ମାସ ମଧ୍ୟରେ ୨୫୭ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ହାରାହାରି ୦.୨୫ ଏକର ଜଙ୍ଗଲ ଧ୍ୱଂସ ହୋଇଛି। ମହୁଲ ସଂଗ୍ରହ, ପୋଡୁ ଚାଷ ଓ ଅଙ୍ଗାର ସଂଗ୍ରହ ଉଦ୍ଦେଶ୍ୟରେ ଦୁର୍ବୃତ୍ତ ନିଆଁ ଲଗାଉଛନ୍ତି।



# ଧର୍ମଶାଳା ବିଜୁ ଯୁବ ଜନତା ଦଳ ନିର୍ବାଚନ ପ୍ରଚାରକୁ ଓହ୍ଲାଇଲା

ଧର୍ମଶାଳା, ୧୧/୪ (ନି.ପ୍ର): କିଛି ଦିନ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବରୁ ଯାଜପୁର ଜିଲା ଧର୍ମଶାଳା ବିଧାନସଭା କ୍ଷେତ୍ର ପାଇଁ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପରେ ଭରସା କରି ପୁନଃର୍ବାର ତାଙ୍କର ନାମ ଘୋଷଣା କରିସାରିଛି। ଧର୍ମଶାଳାରେ ୩ ଥର ପାଇଁ ବିଧାୟକ ହେବା ସହିତ ବିପୁଳ ପରିମାଣରେ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରାଜ୍ୟରେ ଏକ ନମ୍ବର ହେବା ଲକ୍ଷ ରଖିଛି। ଏହି ଲକ୍ଷରେ ପଂହଚିବା ପାଇଁ ଧର୍ମଶାଳା ବିଜୁ ଯୁବ ଜନତା ଦଳ ଆଜି ନିର୍ବାଚନ ପ୍ରଚାରକୁ ଓହ୍ଲାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଧର୍ମଶାଳା ବିଧାୟକଙ୍କ ବଳିଷ୍ଠ ନେତୃତ୍ୱକୁ ନେଇ ଯୁବ କର୍ମୀମାନେ ଘରେଘରେ ଭୋଟରଙ୍କ ନିକଟରେ ପଂହଚି ବିଜୁ ଜନତା ଦଳରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ଏହି କ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପରାମର୍ଶକ୍ରମେ ଧର୍ମଶାଳା ବିଜୁ ଯୁବ ଜନତା ଦଳର ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ମିର୍ଜାପୁର ପଂଚାୟତ ଶ୍ୟାମସୁନ୍ଦର ମନ୍ଦିରରେ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ମନ୍ଦିରରେ ପୂଜାର୍ଚ୍ଚନା ପରେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଥିଲା।

# ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା

ଧର୍ମଶାଳା, ୧୧/୪ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରୁ ରାଜେନ୍ଦ୍ରପୁର ପର୍ଯ୍ୟନ୍ତ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନବ ନିର୍ମାଣ କୃଷକ ସଂଗଠନର ବରୀ ବିଧାୟକ ପ୍ରାର୍ଥୀ ନିମାଇଁ ଚରଣ ରାୟଙ୍କ ନେତୃତ୍ୱରେ ଏହି ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ବ୍ରହ୍ମବରଦାସ୍ଥିତ ଚଣ୍ଡିମନ୍ଦିରରୁ ବାହାରି ବନ୍ଧଡିହ, ବ୍ରହ୍ମବରଦା, ମହେଶ୍ୱରପୁର, ମଙ୍ଗରାଜପୁର, ଅର୍ଥଙ୍ଗା, ସାମନ୍ତରାପୁର,ଅତଳାପୁର, ରାଉତରାପୁର ,ରାଜେନ୍ଦ୍ରପୁର ଓ ପ୍ରଥମାଖଣ୍ଡ ଆଦି ପଂଚାୟତ ପରିକ୍ରମା କରି ଶେଷରେ ରାଜେନ୍ଦ୍ରପୁର କରାଜଙ୍ଗାରେ ପଂହଚିଥିଲେ। ଗାଁ ଗାଁରେ ଚାଷୀମାନେ ଶ୍ରୀ ରାୟଙ୍କୁ ସମ୍ବର୍ଦ୍ଧନା ଦେଇ ସ୍ୱାଗତ କରିବା ସହିତ ଚାଷୀ ମନରେ ବେଶ୍ ଉତ୍ସାହ ହୋଇ ପଡି ଥିବା ଦେଖିବାକୁ ମିଳିଥିଲା। ପ୍ରତି ଗାଁ,ଛକ ବଜାରରେ ଆମର ସରକାର ଚାଷୀ ସରକାର ସ୍ଲୋଗାନ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଚାଷୀ ମାରଣ ନୀତି ଉପରେ ବର୍ଷିଥିଲେ। ସ୍ୱାଧୀନତାର ୭୭ ବର୍ଷ ପରେ ଚାଷୀ ଜମିକୁ ଜଳସେଚନ ବ୍ୟବସ୍ଥାରେ ସରକାରଙ୍କ ଅସାମର୍ଥତା,ଗାଁ ଗାଁରେ ମଦ ଦୋକନ ଖୋଲି ଗୋଟିଏ ବି ନୂତନ ଶୀତଳ ଭଣ୍ଡାର ସ୍ଥାପନ ନ କରିବା,ଧାନ କ୍ୱିଂଟାଲ ପ୍ରତି ବୋନସ ନ ଦେଇ ମଣ୍ଡିରେ ଚାଷୀଙ୍କୁ ଶୋଷଣ ଆଦି ସ୍ଥାୟୀ ସମାଧାନ ନ କରିବା ନେଇ ସଂଗଠନ ପ୍ରତି ସ୍ଥାନରେ ପଥପ୍ରାନ୍ତ ସଭା କରି ସରକାରଙ୍କୁ ସମାଲୋଚନା କରିଥିଲେ। ବରୀ ଅଂଚଳ ଏକ ବନ୍ୟାଚଂଚଳ ଭାବେ ପରିଚିତ। ବରୀର ବିକାଶ ହୋଇ ନ ଥିବା ବେଳେ କେବଳ ନେତା କ୍ଷମତାକୁ ଆସିଲା ପରେ ସବୁ ଭୁଲି ଯାଆନ୍ତି। ଚାଷୀ ସରକାର ଆସିଲେ ତୁରନ୍ତ ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ରାୟ କହିଥିଲେ। ଏହି ଶୋଭାଯାତ୍ରାରେ କୃଷକ ସଂଗଠନର ଜିଲା ସମ୍ପାଦକ ଦିଲିପ ଶଙ୍କର ବେହେରା,ମାଧବାନନ୍ଦ ଶାନ୍ତି,ଯୁବ ସଂଗଠକ ମୃତ୍ୟୁଞ୍ଜୟ ପାତ୍ର, ବଲ୍ଲଭ ଜେନା,ରଂଜନ ମଲ୍ଲିକ,ଅନନ୍ତ ଗଡାଇ,ସନ୍ତୋଷ ମଲ୍ଲିକ,ସୁବାଷ ମଲ୍ଲିକ,ମିହିର ମହାପାତ୍ର,ସେକ୍ ଲ୍ୟାକତ ଅଲ୍ଲୀ ,ବାଛାନିଧି ରଣା,ମଙ୍ଗୁଳି ସାହୁ,ତପନ ରାଉତ,କିଶୋର ସାହୁ,ସୁବାଷ ପାତ୍ର,ଟିଟୁନ ମଲ୍ଲିକ, ପ୍ରଭୃତି ଯୋଗ ଦେଇଥିଲେ।

# କୋଶଳ ମୁକ୍ତି ମୋର୍ଚ୍ଚା ନିର୍ବାଚନ ପାଟଣାଗଡ ପ୍ରାର୍ଥୀ ଦେବ : ଅଂଚଳର ସମସ୍ୟାକୁ ଦୂର ମୁଖ୍ୟ ପ୍ରସଙ୍ଗ

ବଲାଙ୍ଗିର, ୧୧/୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ସହର ସ୍ଥିତ ଶାରଦା ଭବନ ଠାରେ ଆଜି କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥଲା। ଡିଙ୍ଗର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ର କୋଶଳ ସଂଗ୍ରାମୀ ଦମଣୀ ଦନ୍ତା, ପ୍ରତିଶ ଦାସ, ଅଂଶୁମାନ ନନ୍ଦ, ନନ୍ଦନ ମହାନନ୍ଦ, ଜନସନ ନାଗ, ସୁବାସ ଆଚାର୍ଯ୍ୟ, ଶାନ୍ତନୁ ବୁଢିଆ, ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ଦାଦନ ସମସ୍ୟା, ଶିଳ୍ପ କାରଖାନା, ସ୍ୱାସ୍ଥ୍ୟ, ବୈଷୟିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ପାନୀୟ ଜଳ ସମସ୍ୟା, ବିଦ୍ୟୁତ ସମସ୍ୟା ଆଦି ସମସ୍ୟାର ସମାଧାନ ଦିଗରେ ଭାରତ ସ୍ୱାଧିନତାର ଦୀର୍ଘ ୭୫ ବର୍ଷ ବିତିଯାଇଥିଲେ ସୁଦ୍ଧା ନିର୍ବାଚିତ ଜନପ୍ରତିନିଧିଙ୍କ ଇଚ୍ଛା ଶକ୍ତି ଅଭାବ ଯୋଗୁଁ ସମସ୍ୟାର ସମାଧାନ ହୋଇପାରିନାହିଁ। ଅନ୍ୟପକ୍ଷରେ ଅଂଚଳରେ ଖଣି ଖାଦାନ ଭର୍ ପୂର ଥିବା ବେଳେ ଶିଳ୍ପବୀହିନ ହେତୁ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କୋଶଳ ସଂଗ୍ରାମୀ ନେତା ମାନେ ମନ୍ତବ୍ୟ ଦେଇଛନ୍ତି। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ କଲେ ପଶ୍ଚିମାଚଂଳର ସବୁ କ୍ଷେତ୍ରରେ ଉନ୍ନତି ହୋଇପାରିବା ସହ ସମସ୍ୟାର ସମାଧାନ ଦିଗରେ ସ୍ୱର ଉଠାଇବା ପାଇଁ ଆଗାମୀ ନିର୍ବାଚନରେ କୋଶଳ ସଂଗଠନରୁ ବିଧାୟକ ପ୍ରାର୍ଥୀ ଚୟନ କରାଯାଉଥିବା ବେଳେ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ସମାଜସେବୀ ବଳରାମ ବଗର୍ତିଙ୍କୁ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ପ୍ରାର୍ଥୀ ଚୟନ କରାଯାଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ବଳରାମ ବଗର୍ତିଙ୍କ କହିବା ଅନୁଯାୟୀ, ମୁଁ ଛୋଟ ବେଳୁ ଦେଖି ଆସୁଅଛି ଯେ, ଆମ ବଲାଙ୍ଗିର ଜିଲ୍ଲା ବହୁ ଅବହେଳିତ ହୋଇ ପଡିରହିଥିବା ବେଳେ ଲୋକେ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅନେକ ନିର୍ଯ୍ୟାତନାର ଶିକାର ହୋଇଛନ୍ତି। ଅନେକ ଦାଦନ ଶ୍ରମିକ ନିର୍ଯ୍ୟାତିତ ହୋଇ ହାତ ଗୋଡ ହରାଇବା ସହ ମୃତ୍ୟୁବରଣ କରି କାହା ଶବ ଭିଟା ମାଟିକୁ ଫେରିପାରୁଛି ତ କାହା ଶବ ସେଠି ଯାଯାବର ଭଳି ଶ୍ୱାନ, ଶୃଗାଳ ଝାଂପି ଖାଇଦେଉଛନ୍ତି। ଯେତେବେଳେ ଏ ବିଷୟରେ ପରିବାର ଲୋକଙ୍କ ପାଖକୁ ଖବର ଆସୁଛି ତ ଶୁଣିଲା ମାତ୍ରେ ଆଖିରୁ ଧାର ଧାର ହୋଇ ଲୁହ ଗଡୁଛି। ଏସବୁକୁ ଦୃଷ୍ଟିରେ ରଖି ମୁଁ ଇଞ୍ଜିନିୟରିଂ ପାଠପଢି ଚାକିରି ନକରି ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିଦେଇଥିବା ବେଳେ ମୁଁ ଜଣେ ନିର୍ବାଚିତ ପ୍ରାର୍ଥୀ ହୋଇ ଅଂଚଳର ଲୋକଙ୍କ ସାଧାରଣତଃ ମୌଳିକ ସମସ୍ୟାକୁ ନେଇ ବିଧାନସଭାରେ ସ୍ୱର ଉତୋଳନ କରିବି ବୋଲି ଆଶା ରଖିଛି। ପୂର୍ବରୁ ଶାସକ ଦଳରେ ପ୍ରାର୍ଥୀ ହୋଇ ଛିଡା ହେବି ବୋଲି ଭାବିଥିଲି। କିନ୍ତୁ, ଭାଗ୍ୟରେ ନ ଥିଲା। ତଥାପି ମୁଁ ହାର ମାନିନି ସେଥିପାଇଁ ଆଜି ମୁଁ କୋଶଳ ମା ମାଟି ପାଇଁ ଲଢେଇ କରିବି ବୋଲି ପ୍ରତିଜ୍ଞା ନେଇଛି। ଆଜି ମା ପାଟେଶ୍ୱରୀ , ସମଲେଶ୍ୱରୀ, ସୁରେଶ୍ୱରୀ, ଦଶମତୀ ଙ୍କ ଠାରେ ଶପଥ କରି କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ପାଟଣାଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ଆପଣ ମାନଙ୍କ ଆର୍ଶିବାଦ ନେଇ ବିଜୟ ହେବି ବୋଲି ମୁଁ ଆଶା କରେ। କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରି ବଳରାମ ବଗର୍ତିଙ୍କୁ ସ୍ୱାଗତ କରାଯାଇଥିଲା।

# ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଖୋଲିପାରିଲା ନାହିଁ ଆହାର କେନ୍ଦ୍ର; ଖୋଲିଲା ଶକ୍ତି କାଫେ

ଘଟଗାଁ, ୧୧/୪ (ନି.ପ୍ର): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଖୋଲି ପାରିଲା ନାହିଁ ଆହାର କେନ୍ଦ୍ର ବରଂ ଖୋଲିଲା ଶକ୍ତି କାଫେ ସେଂଟର। ଆନନ୍ଦପୁରରେ ବହୁତ ନେତା ପ୍ରଶାସନିକ ଅଧିକାରୀ ଆସି ଗଲେଣି, ୫ ବର୍ଷ ମଧ୍ୟରେ ୫ ଜଣ ଉପ ଜିଲାପାଳଙ୍କ ବଦଳି ହୋଇଗଲାଣି ହେଲେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଆହାର କେନ୍ଦ୍ର ଖୋଲିପାରିଲେ ନାହିଁ। ଗରିବ ରୋଗୀ ଓ ସହାୟକ ମାନେ ଚଢା ଦରରେ ଖାଦ୍ୟ କିଣି ହନ୍ତସନ୍ତ ହେଉଛନ୍ତି। ଦୀର୍ଘ ଦିନ ଧରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ଖାଉଥିବା ବେଳେ ସହାୟକ ମାନେ ଭୋକ ଉପାସରେ କଳବଳ ହେଉଥିବା ଦେଖାଯାଉଛି। ବର୍ତ୍ତମାନ ସାରା ରାଜ୍ୟରେ ସମସ୍ତ ଡାକ୍ତରଖାନାରେ ଆହାର କେନ୍ଦ୍ର ଖୋଲିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ ସହାୟକ ମାନେ ଚଢ଼ା ଦରରେ ଖାଦ୍ୟ ଖାଇ ହନ୍ତସନ୍ତ ହେଉଛନ୍ତି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଦୀର୍ଘ ଦିନ ଧରି ଆହାର କେନ୍ଦ୍ର ଖୋଲିବା ପାଇଁ ଦାବୀ କରି ଆସୁଥିବା ବେଳେ ଚିକିତ୍ସାଳୟରେ ରୋଗୀ ସହାୟକ ମାନେ ଆହାର କେନ୍ଦ୍ର ନଥିବା କାରଣରୁ ରୋଗୀ ସହାୟକ ମାନେ ନିକଟରେ ଥିବା ହୋଟେଲରୁ ୧୦୦ ଟଙ୍କା ଦେଇ ମିଲ କିଣି ଖାଉଥିବା ଜଣାପଡିଛି। ଏଥିପାଇଁ ନା ଡାକ୍ତରଖାନା ଅଧିକାରୀ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି ନା ପ୍ରଶାସନ ପକ୍ଷରୁ। କେବଳ ରୋଗୀକୁ ଖାଦ୍ୟ ଦେଇ ନିଜର ଦାୟୀତ୍ୱ ସାରି ଦେଇଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ଦିନ ହେଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଏକ ଆହାର କେନ୍ଦ୍ର ଖୋଲିବାପାଇଁ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ୍ୟ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଆଜିଯାଏ ଭାଙ୍ଗିଲା ନାହିଁ କି ଆହାର କେନ୍ଦ୍ର ସରକାରଙ୍କ ତରଫରୁ ଖୋଲାଗଲା ନାହିଁ ଏହାର ପ୍ରତି ବଦଳରେ ଏକ ଶକ୍ତି କାଫେ କେନ୍ଦ୍ର ଖୋଲାଯାଇଛି। ଏଠାରେ କୌଣସି ମିଲ କିମ୍ବା ଟିଫିନ ସୁଲଭ ମୂଲ୍ୟରେ ମିଳୁ ନଥିବାରୁ ରୋଗୀ ସହାୟକ ମାନେ ପୂର୍ବପରି ଚଢା ଦରରେ ଖାଦ୍ୟ ଖାଉଥିବା ବେଳେ ଅନେକ ଗରିବ ରୋଗୀ ସହାୟକ ଭୋକ ଉପାସରେ କଳବଳ ହେଉଥିବା କଥା ଦେଖିବାକୁ ମିଳିଛି। ଏ ସଂପର୍କରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଧନେଶ୍ୱର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଆହାର କେନ୍ଦ୍ର ଖୋଲିବା ପାଇଁ ଜିଲାପାଳଙ୍କୁ ୬ ମାସ ହେଲା ଚିଠି ଲେଖିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏବଂ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଗରିବ ରୋଗୀ ସହାୟକମାନଙ୍କ ପାଇଁ ପ୍ରଶାସନ ଆହାର କେନ୍ଦ୍ର ଖୋଲିବା ପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଛନ୍ତି ହେଲେ ଖୋଲୁନାହାଁନ୍ତି। ଅନ୍ୟପକ୍ଷରେ ଆନନ୍ଦପୁର ବିକାଶ ପାଇଁ ବିଭିନ୍ନ ଦଳର ନେତାମାନେ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନନ୍ଦପୁରକୁ ରେଳ ସଂଯୋଗ ପାଇଁ ଏବଂ ଆନନ୍ଦପୁର କୁ ଜିଲ୍ଲା କରିବା ପାଇଁ ଦାବୀ କରି ଧାରଣାରେ ବସିଥିବା ବେଳେ ଆନନ୍ଦପୁରଡାକ୍ତରଖାନାରେ ସାମାନ୍ୟ ଆହାର କେନ୍ଦ୍ର ଟିଏ ଖୋଲିବା ପାଇଁ ନା ନେତାମାନଙ୍କର ନା ପ୍ରଶାସନର ନା ବୁଦ୍ଧିଜୀବୀ କାହାରି ଚିନ୍ତା ନ ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହେଉଛି।

# ଖୋର୍ଦ୍ଧା ପ୍ରେସ କ୍ଲବ୍ ସମସ୍ତ ସାମ୍ବାଦିକ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଖୋର୍ଦ୍ଧା , ୧୨/୪ (ନି.ପ୍ର): ଖୋର୍ଦ୍ଧା ପ୍ରେସ୍ କ୍ଲବ ତରଫରୁ ଖୋର୍ଦ୍ଧା ଯୁବ ଜିଲ୍ଲା ପାଳଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଗତ କାଲି ଟାଙ୍ଗୀ ବ୍ଲକ ଛଣଗିରି ଗ୍ରାମରେ ବିଜେପି ନେତା ଏକ ନିର୍ବାଚନ ପ୍ରଚାର ଯାଇଥିଲେ। ପୁର୍ବରୁ ତାଙ୍କ ଦଳର ଶକ୍ତି ପ୍ରଦର୍ଶନ କରୁଥିଲେ। ଗ୍ରାମ ବାସୀ ସହ ବର୍ତ୍ତମାନ୍ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଗ୍ରାମ କିଛି ଲୋକ ସଙ୍ଗେ ଯୁକ୍ତି ତର୍କ ହେଉଥିଲା। ଉକ୍ତ ସମୟେ ଖୋର୍ଦ୍ଧା କିଛି ସାମ୍ବାଦିକ ପ୍ରିଣ୍ଟ ଓ ବୈଦ୍ୟୁତିକ ମିଡ଼ିଆ ଉପସ୍ଥିତ ରହି ଫଟ ଉତ୍ତୋଳନ କରୁଥିଲେ। ଏହା ଦେଖି ପ୍ରଶାନ୍ତ ଜଗଦେବ ବାରଣ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରକାଶ କୁମାର ହାତୀ ନେତୃତ୍ୱରେ ଥିବା ମିଡ଼ିଆ ମାନେ ଆମେ ଏହି ପୋଗ୍ରାମ ଫଟ ଓ ସଂବାଦ ଉପରେ ନଜର ଦେଉଛୁ । ପ୍ରଚାର ଓ ପ୍ରସାର ଆମର କାମ। ଏହା ଶୁଣି ବାହୁ ବଳି ପ୍ରଶାନ୍ତ ଜଗଦେବ ସାମ୍ବାଦିକ ହାତୀଙ୍କ ହାତରୁ ମୋବାଇଲ ଛଡ଼ାଇ ନେଇ ତାଙ୍କୁ ମାଡ଼ ମାରିବା ପ୍ରତ୍ୟକ୍ଷ ଦର୍ଶୀ ଗ୍ରାମ ବାସୀ ଦେଖିଛନ୍ତି ଓ ଶୁଣିବାକୁ ମିଳେ। ସରକାର ସାମ୍ବାଦିକ ସୁରକ୍ଷା ଆଇନ କରିଛନ୍ତି ମିଡ଼ିଆ ସତ୍ୟ ଖବର ନେବା ବେଳେ କେହି କିଛି କରିବାର ନାହିଁ। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତାଙ୍କର ସୁରକ୍ଷା ଦେବା ଦାବି ଉଠିଛି। ଉକ୍ତ ଘଟଣା ବାବଦରେ ଜଂକିଆ ଥାନରେ ଏକ କେସ ଦରଜ କରିଛନ୍ତି ମାଡ ଖାଇଥିବା ସାମ୍ବାଦିକ ପ୍ରକାଶ ହାତୀ। ଆଜି ସାମ୍ବାଦିକ ମାନେ ଖୋର୍ଦ୍ଧା ମେଳି ହୋଇ ପ୍ରେସ କ୍ଲବର ସଭାପତିଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ବିଚାର କରୀବେ ଓ ଖୋରଧା ଏସପି ଙ୍କୁ ଜଣାଇ ବିହୀତ କର୍ଯ୍ୟ କରିବେ ବୋଲି ସାମ୍ବାଦିକ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ବାବଦରେ ସାମ୍ବାଦିକ ଖୋର୍ଦ୍ଧା ନିର୍ବାଚନ କମିଶନ ଓଡ଼ିଶା, ଭୁବନେଶ୍ୱରକୁ ଜଣାଇ ଛନ୍ତି।

# ସିଦ୍ଧମରିଚାଣୀ କଳା ଓ ସଂସ୍କୃତି ପ୍ରତିଷ୍ଠାନ ବଗଡାର ନୃତ୍ୟ ଉତ୍ସବ

କେନ୍ଦ୍ରାପଡ଼ା, ୧୨/୪ (ନି.ପ୍ର): ଶ୍ରୀଶ୍ରୀ ଦକ୍ଷିଣମୂଖୀ ହନୁମାନଜୀଉ ଯଜ୍ଞ କମିଟି ପକ୍ଷରୁ ତୁଣ୍ଡୁପୁରର ବିଶ୍ୱଶାନ୍ତି ଯଜ୍ଞ ଅବସରରେ ସ୍ଥାନୀୟ ବଗଡାର ବଳୀରାଜଠାରେ ପ୍ରତିଷ୍ଠା ହୋଇଥିବା ସିଦ୍ଧମରିଚାଣୀ କଳା ଓ ସଂସ୍କୃତି ପ୍ରତିଷ୍ଠାନର ଓଡିଶୀ ନୃତ୍ୟ, ଛାତ୍ରୀମାନଙ୍କ ଦ୍ୱାରା ସନ୍ଧ୍ୟା ୭ଟାରୁ ରାତ୍ର ଦଶଘଂଟା ପର୍ଯ୍ୟନ୍ତ ଓଡିଶୀ ନୃତ୍ୟ, ଭଜନ ନୃତ୍ୟ ଆଦି ପରିବେଷଣ ହୋଇଥିଲା । ଉକ୍ତ ଶାସ୍ତ୍ରୀୟ ନୃତ୍ୟକୁ ଗୁରୁ ତପସ୍ୱିନୀ ନାୟକ ନିର୍ଦ୍ଦେଶନା ଦେଇ ପ୍ରସ୍ତୁତି କରାଇଥିଲେ । ଉପସ୍ଥାପନାରେ ଅଭିରାମ ନାୟକ ଦାୟିତ୍ୱ ତୁଲାଇଥିବା ବେଳେ ମଂଚ ପରିଚାଳନା କରିଥିଲେ ରଜତ କୁମାର ବାରିକ । ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ରବିନ୍ଦ୍ର କୁମାର ଜେନା, ଶ୍ରୀଚରଣ ସାମଲ ପ୍ରଭୃତି ସହଯୋଗ କରିଥିଲେ। ଶିଶୁ ନୃତ୍ୟ ଶିଳ୍ପୀ ରିତିକା, ଏମ୍.ଜେ. ଲତିକା, ସାଇଶ୍ରଦ୍ଧା, ଅନ୍ୱେଷା, ଶିଳ୍ପାରାଣୀ, ପାର୍ବତୀ, ଦେବାଂଶୀ, ଭଗ୍ୟଲକ୍ଷ୍ମୀ, ସୁଜାତା, ଆରାଧ୍ୟା, ହର୍ଷିତା, ଶିବାନୀ, ରୋସିନି, ସୋମିୟା, ମାହେଶ୍ୱରୀ ଓଡିଶୀନୃତ୍ୟ ଓ ଧୁଡୁକୀନୃତ୍ୟ ପରିବେଷଣ କରି ହଜାର ହଜାର ଦର୍ଶକଙ୍କ ମନକୁ ମୋହିତ କରିପାରିଥିଲେ। ସର୍ବପ୍ରଥମେ ଗୁରୁବନ୍ଦନା ନୃତ୍ୟ ଗୁରୁତପସ୍ୱିନୀ ନାୟକ ପରିବେଷଣ କରି ପରେ "ମଦନମୋହନ ଅଷ୍ଟାକମ୍" ପରିବେଷଣ କରିଥିଲେ । ଶେଷରେ ରବିନ୍ଦ୍ର କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନିର୍ବାଚନ ଲଢ଼ିବେନି ପ୍ରଶାନ୍ତ....

ବିଜୁବାବୁ ସର୍ବଦା ମୋ ଓଡ଼ିଆ କଥା କହୁଥିଲେ। ଓଡ଼ିଶା ଓ ଓଡ଼ିଆଙ୍କ ବିକାଶ ଚାହୁଁଥିଲେ। କିନ୍ତୁ ନବୀନ ବାବୁଙ୍କ ଯୋଗୁ ଏଠି ତେଲଗୁତାମିଲ ଲୋକ ଆସି ଶାସନ କଲେଣି। ଓଡ଼ିଶାକୁ ଲୁଟି କୋଟି କୋଟି ଟଙ୍କା ଦିଲ୍ଲୀ ଓ ବାହାର ରାଜ୍ୟର ବ୍ୟାଙ୍କରେ ଗଚ୍ଛିତ କଲେଣି । ତେଣୁ ନବୀନ ପଟ୍ଟନାୟକ ସରକାର ପ୍ରତି ଲୋକ ବିମୁଖ ହେଲେଣି। ପରିବର୍ତ୍ତନ ଜଳଜଳ ହୋଇ ଦିଶିଲାଣି ଓ ନିର୍ବାଚନ ପରେ ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ ସରକାର ହେବ। ସେ ଖୋର୍ଦ୍ଧାର ଛଣଗିରି ଅଂଚଳରେ ହୋଇଥିବା ଘଟଣା ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ବିଜେପିର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହ ସେ ଖୋର୍ଦ୍ଧାର ଛଣଗିରି ଅଂଚଳରେ ଜନସମ୍ପର୍କ ପଦଯାତ୍ରା କରୁଥିବାବେଳେ ବିଜେଡି ନେତାଙ୍କ ଦ୍ୱାରା ପ୍ରାୟୋଜିତ ଜଣେ ବ୍ୟକ୍ତି ନିଜକୁ ସାମ୍ବାଦିକ କହି ଭିଡିଓ ଉତ୍ତୋଳନ କରୁଥିଲେ। ସେ ତାଙ୍କୁ ବାରଣ କରିଥିଲେ। ଏହା ବିଜେଡିର ପ୍ରାୟୋଜିତ ଥିଲା। କାରଣ ସମ୍ପୃକ୍ତ ବ୍ୟକ୍ତି ପୂର୍ବରୁ ଖଣି ଚୋରି ଓ ବ୍ରାଉନସୁଗାର ଆଦି କାରବାରେ ଲିପ୍ତ ଥାଇ ଏସଟିଏଫ ହାତରେ ଧରାପଡ଼ିଥିଲେ। ସାମ୍ବାଦିକ କହୁଥିବା ବ୍ୟକ୍ତି ମଦ ପିଇ ଜାଣିଶୁଣି ବିବାଦ କରୁଥିଲେ। ସେ ବିଜେଡି ବିଧାୟକ ରାଜେନ୍ଦ୍ର ସାହୁ, ମାନସ ମଙ୍ଗରାଜ ଓ କାଳୁ ଖଣ୍ଡାୟତଙ୍କ ଇସାରାରେ ଜାଣିଶୁଣି ଏଭଳି ବିବାଦ କରିଥିବା ଶ୍ରୀ ଜଗଦେବ କହିଛନ୍ତି। ତାଙ୍କ ବିରୁଦ୍ଧରେ ଜଙ୍କିଆ ଥାନାରେ ହୋଇଥିବା ମାମଲା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କହି ସେ ନିଜଆଡୁ ଥାନାକୁ ଯାଇଥିଲେ। ଯେଉଁ ଗାଁରେ ଏହି ଘଟଣା ହୋଇଥିଲା ସେଠାର ଲୋକମାନେ ମଧ୍ୟ ସନ୍ଧ୍ୟାରେ ଥାନାକୁ ଯାଇ ପ୍ରକୃତ ଘଟଣା କହିଥିଲେ। ଗାଁରେ ଷ୍ଟ୍ରିଟଲାଇଟ୍ ଜଳୁନଥିବା ନେଇ ଲୋକେ ଅଭିଯୋଗ କରିଥିଲେ ଓ ସେଠାରେ ତାଙ୍କ ହସ୍ତକ୍ଷେପ ଯୋଗୁ ଉକ୍ତ ଲାଇଟ୍ ସନ୍ଧ୍ୟା ପୂର୍ବରୁ ଜଳିଥିଲା ବୋଲି ଶ୍ରୀ ଜଗଦେବ କହିଛନ୍ତି। ଅନ୍ୟପକ୍ଷରେ ବିଜେପି ସୂତ୍ରରୁ ଜଣାପଡ଼ିଛି ଯେ, ଶ୍ରୀଜଗଦେବଙ୍କ ନାଁରେ ୧୦ରୁ ଅଧିକ ମାମଲା ଥିବାରୁ ଦଳ ତାଙ୍କ ପତ୍ନୀ ସ୍ୱାଗତିକାଙ୍କୁ ଖୋର୍ଦ୍ଧା କିମ୍ବା ବେଗୁନିଆ ବିଧାନସଭା ଆସନରୁ ପ୍ରାର୍ଥୀ କରିବ।

### ରାଜଧାନୀରେ ପୁଣି ...

ଶରତ ମହାନ୍ତିଙ୍କ ଘରେ ପଶି ସମସ୍ତଙ୍କୁ ବାହାରପଟୁ ତାଲା ପକାଇ ଘରେ କଳାକନା ବୁଲାଇଛନ୍ତି ଲୁଟେରା। ଆଲମୀରା ଖୋଲି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ସହ ଟଙ୍କା ଲୁଟି ନେଇ ନେଇଛନ୍ତି। ସେହିଭଳି ନନ୍ଦନକାନନ ଥାନା ଅଞ୍ଚଳରେ ଥିବା ସ୍ପ୍ରିଙ୍ଗ ଲିଫ ଆପାର୍ଟମେଣ୍ଟର ଏକ ଫ୍ଲାଟରୁ ଗତକାଲି ରାତିରେ ହୋଇଛି ଚୋରି। ଏହି ଆପାର୍ଟମେଣ୍ଟରେ ଉକ୍ତ ଘରେ କେହି ନଥିବା ବେଳେ ରାତି ଅଧରେ ତାଲା ଭାଙ୍ଗି ୧୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି ଲୁଟେରା। ଉଭୟ ସ୍ଥାନରେ ସାଇଣ୍ଟିଫିକ ଟିମ ସହ ସନ୍ଧାନୀକୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି ପୁଲିସ। ହେଲେ ଲୁଟେରାଙ୍କ ଟେର ପାଇନି। ରାଜଧାନୀରେ ହାଇସିକ୍ୟୁରିଟି ଜୋନ କୁହାଯାଉଥିବା ଆପାର୍ଟମେଣ୍ଟ ସୁରକ୍ଷା କଳଚରକୁ ଭାଙ୍ଗିରୁଜି ଚୁରମାର କରିଦେଲେଣି ଲୁଟେରା। କିଛି ଦିନ ତଳେ କିଛି ଆପାର୍ଟମେଣ୍ଟ ଲୁଟେରାଙ୍କୁ ଗିରଫ କରି ଲୋକଙ୍କ ମନରୁ ଭୟ ଦୂରେଇବା ପାଇଁ ଚେଷ୍ଟା କରିଥିଲା କମିଶନରେଟ ପୁଲିସ। ହେଲେ ଲୁଟେରା ଗ୍ୟାଙ୍ଗ ଉପରେ ଏହାର ଆଦୌ ପ୍ରଭାବ ପଡ଼ିନାହିଁ ବୋଲି ମନେ ହେଉଛି। ଗତ ୬ ମାସରେ ୧୪ଟି ଆପାର୍ଟମେଣ୍ଟରୁ ପାଖାପାଖି ୩୪ଟି ଫ୍ଲାଟରେ କଳାକନା ବୁଲାଇ ଦେଲେଣି ଲୁଟେରା।

### ପୂର୍ବତନ ମନ୍ତ୍ରୀ ...

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୯୫ ମସିହାରେ କମଳା ଦାସ ପୁଣି ଥରେ ଜନତା ଦଳ ଟିକେଟରେ ଭୋଗରାଇ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକଙ୍କ ପରଲୋକ ପରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଗଠନ ହୋଇଥିଲା ଏବଂ କମଳା ସେଥିରେ ଯୋଗ ଦେଇଥିଲେ। ୨୦୦୦ ମସିହାରେ ସେ ବିଜୁ ଜନତା ଦଳରୁ ଭୋଗରାଇ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ଓ ଲଗାତାର ତୃତୀୟ ଥର ପାଇଁ ବିଜୟୀ ହୋଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ସାମିଲ ହୋଇଥିଲେ। କମଳା ମହିଳା ଓ ଶିଶୁ ବିକାଶ କଲ୍ୟାଣ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଭାବରେ ୬ ମାର୍ଚ୍ଚ ୨୦୦୦ରୁ ୯ ଜୁଲାଇ ୨୦୦୧ ଯାଏଁ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଜୁ ଜନତା ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। ହେଲେ ୨୦୧୪ ମସିହାରେ ସେ ପୁଣିଥରେ ବିଜେଡିକୁ ଫେରିଥିଲେ। କମଳା ଦାସ ୧୯୪୫ ମସିହାର ଅଗଷ୍ଟ ମାସ ୧୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଥିଲେ ଗୟା ପ୍ରସାଦ ପାତ୍ର। ସେ ଜଣେ ଡାକ୍ତର ଥିଲେ। ଏମ୍.ବି.ବି.ଏସ୍ ପରେ ଏମ୍.ଏସ୍ କରିଥିଲେ। ସେ କାଳୀ କୁମାର ଦାସଙ୍କୁ ବିବାହ କରିଥିଲେ।

# କେନ୍ଦ୍ର ସରକାରଙ୍କ ଅବିଚାର ବିରୋଧରେ ଇପିଏଫ୍ ପେନ୍ସନର୍ସ ଆସୋସିଏସନ୍‌ର ରାଜ୍ୟ କମିଟି ବୈଠକ




ବାଲେଶ୍ୱର, ୧୨/୪ (ନି.ପ୍ର): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ରାଜ୍ୟ କାର୍ଯ୍ୟକାରୀ କମିଟିର ପରିବର୍ଦ୍ଧିତ ବୈଠକ ଶୁକ୍ରବାର ଦିନ ପୂର୍ବାହ୍ନରେ ପ୍ରଥମଥର ପାଇଁ ବାଲେଶ୍ୱର ସହରର ମା' ଇଣ୍ଟରନେସ୍‌ନାଲ୍ ହୋଟେଲ୍‌ର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ ତଥା ଜାତୀୟ କମିଟିର ଉପସଭାପତି ଭାଗ୍ୟଧର ବ୍ରହ୍ମା ଆଲୋଚନାର ବିଷୟ ଆଗତ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ ସଂସ୍ଥାରୁ ମାସିକ ସର୍ବନିମ୍ନ ଏକହଜାର ଟଙ୍କା ଓ ତହିଁରୁ କମ୍ ଟଙ୍କା ପେନସନ୍‌ଭୋଗୀଙ୍କ ଆର୍ଥିକ ଦୁରାବସ୍ଥା ସଂପର୍କରେ ଜଣାଇଥିଲେ। ଚାକିରିକାଳରେ ଅଧିକ ବେତନ ପାଇଥିବା କର୍ମଚାରୀମାନଙ୍କୁ ଅଧିକ ପେନ୍‌ସନ୍ ପ୍ରଦାନ ପାଇଁ ମାନ୍ୟବର ସର୍ବୋଚ୍ଚ ଅଦାଲତ ଦେଇଥିବା ଆଦେଶକୁ ଏବଂ ସର୍ବନିମ୍ନ ପେନସନ୍ ବୃଦ୍ଧି ସହ ମହଙ୍ଗାଭତ୍ତା ପ୍ରଦାନ ପାଇଁ ସଂସଦର ସବ୍‌କମିଟିର ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରୁନଥିବାରୁ ଦେଶବ୍ୟାପୀ ଏହି ବର୍ଗର ପେନସନ୍‌ଭୋଗୀମାନେ ଆର୍ଥିକ ଦୁର୍ଗତୀରେ କାଳାତିପାତ କରୁଥିବାର ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ବରିଷ୍ଠ ନାଗରିକମାନଙ୍କ ପ୍ରତି ଅବିଚାରକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳ ଓ ସେମାନଙ୍କ ସହଯୋଗୀ ଦଳମାନଙ୍କୁ ଭୋଟ ନଦେବା ପାଇଁ ଜାତୀୟ କମିଟିର ଆହ୍ୱାନକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ଶ୍ରୀ ବ୍ରହ୍ମା ଉପସ୍ଥିତ ମାନଙ୍କୁ ଅବଗତ କରାଇଥିଲେ। ମାସିକ ସର୍ବନିମ୍ନ ପେନସନ୍ ୧ହଜାର ଟଙ୍କାକୁ ବୃଦ୍ଧିକରି ୯ ହଜାର ଟଙ୍କା ପ୍ରଦାନ ସହ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଓଡ଼ିଶା ହାଇକୋର୍ଟରେ ଆଗତ ମୋକଦ୍ଦମାକୁ ମାନ୍ୟବର ଅଦାଲତ ଗ୍ରହଣ କରି ଇପିଏପ୍ ସଂସ୍ଥା ଓ କେନ୍ଦ୍ର ସରକାରଙ୍କର ସଂପୃକ୍ତ ବିଭାଗକୁ ପକ୍ଷଭୁକ୍ତ କରିଛନ୍ତି ବୋଲି ଶ୍ରୀ ବ୍ରହ୍ମା ଜଣାଇଥିଲେ। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ବିବରଣୀ ପାଠ କରିବା ପରେ ତାହା ଗୃହୀତ ହୋଇଥିଲେ। ଆଗାମୀ କାର୍ଯ୍ୟପନ୍ଥା ଏବଂ ରାଜ୍ୟର ସାଂଗଠନିକ ସମସ୍ୟା ଓ ସମାଧାନ ସହ ସଭ୍ୟସଂଖ୍ୟା ବୃଦ୍ଧି ସଂପର୍କିତ ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟ କମିଟି ଓ ବିଭିନ୍ନ ଜିଲ୍ଲା କମିଟି ପକ୍ଷରୁ ଇଂ. ଅନାଦିଚରଣ ବେହେରା, ପ୍ରଫୁଲ୍ଲ କୁମାର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ମହାନ୍ତି, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, ପ୍ରକାଶ କୁମାର ପଟ୍ଟନାୟକ, ମାୟାଧର ନାୟକ, କୁଞ୍ଜ ବିହାରୀ ନାୟକ, ଭାବଗ୍ରାହୀ ରାଉତ, କୃଷ୍ଣଚନ୍ଦ୍ର ମହାନ୍ତି, ବିନୋଦ ବେହେରା, ଉର୍ବଶୀ ମିଶ୍ର, ଗୀତାଞ୍ଜଳି ପାତ୍ର, ମଦନମୋହନ ଜେନା ଓ ନିରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପରେ ଦାବିପୂରଣ ନିମିତ୍ତ ଲଗାତର ଆନ୍ଦୋଳନ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଆସନ୍ତା ରାଜ୍ୟ ସମ୍ମିଳନୀର ତାରିଖ ଓ ସ୍ଥାନ ଅଗାମୀ ବୈଠକରେ ସ୍ଥିର କରାଯିବ। ସମସ୍ତ ଜିଲ୍ଲା କମିଟିର ବୈଠକ ପ୍ରତି ଦୁଇମାସରେ ଅନୁଷ୍ଠିତ ହେବ ଓ ଏହାର ବିବରଣୀ ଜିଲ୍ଲାମାନେ ରାଜ୍ୟ କମିଟିକୁ ପଠାଇବାକୁ ଅନୁରୋଧ କରାଯାଇଛି। ବୈଠକ ଆରମ୍ଭରେ ବିଭିନ୍ନ ଜରାରୋଗରେ ଅସୁସ୍ଥ ଥିବା କେତେକ କର୍ମକର୍ତ୍ତାଙ୍କ ଆରୋଗ୍ୟ କାମନା କରି ଓ ଦିବଂଗତ କର୍ମକର୍ତ୍ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ନିଗମ ମହାସଂଘର ମହାସଚିବ ସରୋଜକାନ୍ତ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ନବୀନ ନିବାସରେ ଅଭିନେତା ଓ ଅଭିନେତ୍ରୀଙ୍କ ମେଳି: କୁଆଡ଼େ ଗଲେ ବରିଷ୍ଠ ?

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ନବୀନ ନିବାସରେ ଓଡ଼ିଆ ଫିଲ୍ମ ଅଭିନେତା ଓ ଅଭିନେତ୍ରୀଙ୍କ ମେଳି। ହେଲେ ଦେଖିବାକୁ ମିଳିନଥିଲା ଓଡ଼ିଆ ଚଳଚ୍ଚିତ୍ରର ବରିଷ୍ଠ ଅଭିନେତା, ଅଭିନେତ୍ରୀ ଓ ସୁପରଷ୍ଟାରଙ୍କୁ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ହଠାତ୍ କ'ଣ ପାଇଁ ଅଭିନେତା ଓ ଅଭିନେତ୍ରୀଙ୍କୁ ଡାକିଲା ନବୀନ ନିବାସ ? ଏହାକୁ ନେଇ ନାନା ଚର୍ଚ୍ଚା ହେଉଛି। ନିର୍ବାଚନ ପ୍ରଚାରରେ ବିଜେଡି ଏମାନଙ୍କୁ ନିୟୋଜିତ କରିବା ପାଇଁ ଯୋଜନା କରୁଥିବା ଆଲୋଚନା ହେଉଛି। ସାଧାରଣତଃ ନିର୍ବାଚନ ଋତୁରେ ନବୀନ ନିବାସରେ ନେତାଙ୍କ ଭିଡି ଲାଗିଥାଏ। ହେଲେ ଆଜି ମଧ୍ୟାହ୍ନରେ ହଠାତ୍ ବଦଳି ଯାଇଥିଲା ନବୀନ ନିବାସ ସମ୍ମୁଖ ଚିତ୍ର। ନେତା କର୍ମୀଙ୍କ ବଦଳରେ ଓଡ଼ିଶା ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରୀର ଅତି ଲୋକପ୍ରିୟ ଅଭିନେତା, ଅଭିନେତ୍ରୀ ଓ କଣ୍ଠଶିଳ୍ପୀଙ୍କୁ ଦେଖିବାକୁ ମିଳିଥିଲା। ସମସ୍ତେ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ନବୀନ ନିବାସ ଭିତରକୁ ଯାଇଥିଲେ। ନବୀନ ନିବାସ ଭିତରକୁ ଯାଇଥିବା କଳାକାରଙ୍କ ମଧ୍ୟରେ ଥିଲେ ପପୁ ପମ୍‌ପମ୍, ବାବୁଶାନ୍, ଅମ୍ଲାନ୍ ଦାସ, ଶୈଳେନ୍ଦ୍ର, ଅଶ୍ୱିନୀ ତ୍ରିପାଠୀ, ପ୍ରଜ୍ଞା, ଭୂମିକା, ସୁପ୍ରିୟା, ପ୍ରେରଣା, ତାରିକ ଅଜିଜ ପ୍ରମୁଖ ରହିଛନ୍ତି। ସମସ୍ତେ ଦୀର୍ଘ ସମୟ ଧରି ନବୀନ ନିବାସରେ ହୋଇଥିବା ବୈଠକରେ ଯୋଗ ଦେଇଥିଲେ। କୁହାଯାଉଛି, ଅଭିନେତା ଓ ଅଭିନେତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ନେତା ଭି.କେ ପାଣ୍ଡିଆନ ଆଲୋଚନା କରିଥିଲେ। ନବୀନ ନିବାସରେ ବୈଠକ ପରେ ଅଭିନେତା ଓ ଅଭିନେତ୍ରୀ ବାହାରକୁ ଆସିଥିଲେ। ହେଲେ କୌଣସି ଅଭିନେତା ଓ ଅଭିନେତ୍ରୀ ମିଡ଼ିଆ ସମ୍ମୁଖରେ ବେଶୀ କିଛି କହି ନଥିଲେ। ସମସ୍ତେ ମାପିଚୁପି କହିଥିଲେ। ପପୁ ପମ୍‌ପମ୍ କହିଥିଲେ, ପ୍ରଚାର ପ୍ରସାର ପାଇଁ ଡାକିନଥିଲେ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ବାବଦରେ ଆଲୋଚନା ପାଇଁ ଆସିଥିଲୁ। ଅଭିନେତ୍ରୀ ସୁପ୍ରିୟା କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ପାଣ୍ଡିଆନ୍ ସାର ଡାକିଥିଲେ। ୨୦୨୪ରୁ ୨୦୩୪ ବର୍ଷ ଭିତରେ ଓଡ଼ିଶାରେ କ'ଣ ବିକାଶ ହୋଇପାରିବ, ତାହା ଉପରେ ଆଲୋଚନା ହୋଇଥିଲା। ଅଭିନେତା ତଥା ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ କହିଛନ୍ତି, ନବୀନ ପଟ୍ଟନାୟକ ସାର ଆମ ପାଇଁ ଅନେକ କିଛି କରିଛନ୍ତି। ପୂର୍ବରୁ ଯାହା ସବୁ ହୋଇଛି, ତାହାର ପ୍ରେଜେଣ୍ଟେସନ୍ ହୋଇଥିଲା। ଯାହାକୁ ଆମେ ସମସ୍ତେ ଦେଖିଲୁ। ପ୍ରକୃତରେ ଓଡ଼ିଶାର ସ୍ଥିତି ଯାହା ଥିଲା, ପରିବର୍ତ୍ତନ ପରେ ଯାହା ହୋଇଛି, ସେ ବାବଦରେ ଆଲୋଚନା ହୋଇଛି। ଇଣ୍ଡଷ୍ଟ୍ରୀର ପ୍ରତ୍ୟେକ କ୍ଷେତ୍ରରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକୁ ଦେଖିବାକୁ ମିଳିଲା। ଏହାଛଡ଼ା ଆଗକୁ ଆଉ କ'ଣ ବିକାଶ ହୋଇପାରିବ, ତାହା ଉପରେ ଅଲୋଚନା ହେଲା। ନିର୍ବାଚନ ପରେ ବାକି ଥିବା ବିକାଶ ମୂଳକ କାର୍ଯ୍ୟକୁ ଆଗକୁ ନିଆଯିବ ବୋଲି କୁହାଯାଇଥିବା ଅଶ୍ୱିନୀ କହିଛନ୍ତି। ଦୀର୍ଘ ୨୪ ବର୍ଷ ଶାସନ କାଳ ଭିତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରୀ ବିବାଦରେ ଆଲୋଚନା ପାଇଁ କେବେ ହେଲେ କୌଣସି କଳାକାରଙ୍କୁ ନବୀନ ନିବାସ ଡାକି ନାହାନ୍ତି ? ହେଲେ ଆଜି ହଠାତ୍ କାହିଁକି ଡାକିଲେ ? ସବୁଠାରୁ ମଜାଦାର କଥା ହେଉଛି, ଯେଉଁ ବରିଷ୍ଠ ଅଭିନେତା, ଅଭିନେତ୍ରୀ, ନିର୍ଦ୍ଦେଶକଙ୍କ କାନ୍ଧରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ରହିଛି ଓ ଯେଉଁମାନେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଅଡୁଆ ସୂତାକୁ ସଜାଡ଼ିବା ପାଇଁ ବହୁବାର ରାଜରାସ୍ତାରେ ବସିଛନ୍ତି, ସେମାନେ ଆଜି ବୈଠକରେ ନଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସବୁବେଳେ ବିଜେଡି ପାଇଁ ପ୍ରଚାର କରୁଥିବା ବର୍ଷା ପ୍ରିୟଦର୍ଶିନୀଙ୍କୁ ମଧ ଦେଖିବାକୁ ମିଳିନଥିଲା। ନବୀନ ନିବାସ ଯାଇଥିବା ଅଭିନେତା ଓ ଅଭିନେତ୍ରୀଙ୍କ ଅକୁହା କଥା କ'ଣ ହୋଇପାରେ ? ଶୁଣିବାକୁ ମିଳୁଛି, ଯେଉଁ ଲୋକପ୍ରିୟ ଅଭିନେତାଙ୍କ ବଳରେ ବିଜେଡି ଲୋକଙ୍କ ପାଖକୁ ଯାଉଥିଲା, ସେମାନେ ଏବେ ବିଜେପିରେ। ଅର୍ଥାତ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଛନ୍ତି ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଅରିନ୍ଦମ ରୟ ଓ ଆକାଶ ଦାସ ନାୟକ। ପ୍ରତ୍ୟେକ ନିର୍ବାଚନରେ ଏମାନଙ୍କ ଜଲୱା ଦେଖିବାକୁ ମିଳିଥିଲା।

# ବରିଷ୍ଠ ସାମ୍ବାଦିକ ଗୌରହରି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଘଟଗାଁ, ୧୨/୪ (ନି.ପ୍ର): ଆନନ୍ଦପୁର ପୌରାଂଚଳର ଜନାର୍ଦ୍ଦନପୁର ଶାସନରେ ଆନନ୍ଦପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ସାମ୍ବାଦିକ ଗୌରହରି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ତାଙ୍କ ଦ୍ୱାଦଶାହ କର୍ମ ଅବସରରେ ଜନାର୍ଦ୍ଦନପୁର - ଶାସନ ସ୍ଥିତ ବାସ ଭବନରେ ଆୟୋଜିତ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ନେତୃ ବୃନ୍ଦଙ୍କ ସହ ପୂର୍ବତନ ମହିଳା କମିସନ ସଦସ୍ୟା ଆରତୀ ସିଂ, ବରିଷ୍ଠ ଗଣମାଧ୍ୟମର ପ୍ରତିନିଧି ନିରାକାର ଦଳେଇ, ମଦନ ପାଣି, ରତିକାନ୍ତ ସାହୁ, ଶତ୍ରୁଘ୍ନ ସାହୁ, ହରେକୃଷ୍ଣ ପାତ୍ର, ସତ୍ୟଜିତ୍ ସାହୁ ଓ ଆଇନଜିବୀ ମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ତତ୍ତ୍ୱାବଧାରକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଏଥିସହିତ ସେ ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ଦୀଘଦିନ ଧରି ସ୍ୱୟଂ ସେବକ ଭାବେ କାର୍ଯ୍ୟ କରିଥିଲେ।

# ମତଦାନ ବିଷୟରେ ଶିକ୍ଷା ଏବଂ ଅଧିକରୁ ଅଧିକ ନାଗରିକଙ୍କ ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ବୈଠକ

ବାରିପଦା, ୧୨/୪ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ଜନାଭିମୁଖୀ ଏବଂ ମତଦାନ ସାମ୍ବିଧାନିକ ମୌଳିକ ଅଧିକାରକୁ ଜନମାନସରେ ଆଦୃତ କରାଇବାପାଇଁ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଏହି ପରିପ୍ରେକ୍ଷୀରେ, ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଜିଲ୍ଲାରେ ସୁଚାରୁ ରୂପେ ସଂଚାଳନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ (ଭା.ପ୍ର.ସେ.) ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ କରାଇଛନ୍ତି । ଏହି ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ବା କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁଙ୍କ ପରିଚାଳନାରେ ଜିଲ୍ଲାପାଳଙ୍କ ସ୍ଥାନୀୟ ଓସ୍ୱାନ ହଲ ଠାରେ ସମସ୍ତ ଅତିରିକ୍ତ ଜିଲ୍ଲପାଳ, ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କ ଉପସ୍ଥିତିରେ ଏକ ଆଭାସୀ ବୈଠକ ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆଲୋଚନା ହୋଇଥିଲା। ସୂଚନା ଯୋଗ୍ୟଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକରୁ ଅଧିକ ମତଦାତା କିଭଳି ଜିଲ୍ଲା ମତଦାନ ରେ ଅଂଶଗ୍ରହଣ କରିବେ ସେ ନେଇ ଆଲୋଚନା ହେବ ସହିତ ଅଧିକ ରୁ ଅଧିକ ଯୁବ ଭୋଟର ମାନଙ୍କୁ ନିର୍ବାଚନ ପର୍ବରେ ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଉତ୍ସାହିତ କରିବା ପାଇଁ ଏହି ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ , ୨୦୧୯ ନିର୍ବାଚନ ବର୍ଷରେ ମୟୂରଭଞ୍ଜ ଜିଲ୍ଲାରେ ୭୭% ମତଦାନ ହୋଇଥିବା ବେଳେ ନିର୍ବାଚନ କମିଶନ ଏହି ହାରକୁ ୮୧%କୁ ବୃଦ୍ଧି କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ୨୦୦୧୯ରେ ୨୩୬୪ ବୁଥ ହୋଇଥିବା ବେଳେ ୨୦୨୪ ବର୍ଷ ୨୩୬୮ଟି ବୁଥ ଜିଲ୍ଲାରେ ହୋଇଅଛି । ସେହିପରି ଭାବରେ ୬୦% ରୁ ୭୦% ଭୋଟ ୨୪୬ଟି କେନ୍ଦ୍ରରୁ ମିଳିଥିବା ବେଳେ ଏହି ସଂଖ୍ୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଧାରାରେ ଭୋଟର ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବାପାଇଁ ୧୭ଟି ବିଭିନ୍ନ ମତଦାନ ସୂଚନାଧର୍ମୀ କାର୍ଯ୍ୟକ୍ରମ କରାଯିବ ।ପ୍ରତ୍ୟେକ ବ୍ଲକ ଏବଂ ସବ୍‌ଡିଭିଜନ ରେ ଏହି କାର୍ଯ୍ୟକ୍ରମ ମନ ଅନୁଷ୍ଠିତ କରାଇବା ପାଇଁ ସମସ୍ତ ରିଟର୍ଣ୍ଣିଙ୍ଗ ଅଫିସର ମାନଙ୍କୁ ଦାୟିତ୍ୱ ଦିଅ ଯାଇଥିବା ବେଳେ ସମସ୍ତ ଜିଲ୍ଲାସ୍ତରୀୟ ଭିଭାଗୀୟ ଅଧିକାରୀ ମାନଙ୍କୁ ଏହି ଦାୟିତ୍ୱ ସମ୍ପାଦନା କରିବାରେ ସାହାଯ୍ୟ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ସମସ୍ତ ବସ ମାନଙ୍କରେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ ଜିଙ୍ଗଲ ଏବଂ ଭିଡିଓ ବାର୍ତା ଚାଲୁ କରାଯିବାର ଦାୟିତ୍ୱ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦିଆ ଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନଙ୍କୁ ଜଣ ସଚେତନତା କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର ଏବଂ ଜନାଭିମୁଖୀ କରାଇବା ପାଇଁ ମଧ ଜିଲ୍ଲାପାଳ କହିଥିଲେ। ଏଥି ସହିତ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଏବଂ ୮୫ ବର୍ଷ ରୁ ଅଧିକ ବୟସ୍କ ମତଦାତା ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବିଶେଷ ଆଲୋଚନା ହୋଇଥିଲା। ଏହି ବୈଠକରେ ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପାୱାର ପଏଣ୍ଟ ଉପସ୍ଥାପନା କରିଥିବା ବେଳେ ଶ୍ରୀ ସ୍ୱାଇଁ ଏହା ଆଧାରରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ଦାୟିତ୍ୱ ବିଷୟରେ ସେମାନଙ୍କୁ ଅବଗତ କରାଇଥିଲେ। ଉକ୍ତ ବୈଠକରେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ, ପରିବହନ ଅଧିକାରୀ ଶ୍ରୀ ବିସ୍ୱରାଜ ବେହେରା, ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ଚର୍ଚ୍ଚା କରିଥିଲେ ।

# ପ୍ରିଜାଇଡିଂ ଓ ପୁଲିଂ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ

ପୁରୀ, ୧୨/୪ (ନି.ପ୍ର): ପ୍ରିଜାଇଡିଂ ଓ ପୁଲିଂ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ସହ ଯେପରି ତୃଟିଶୂନ୍ୟ ଭାବେ ଏହାକୁ ପରିଚାଳନା କରାଯାଇ ପାରିବ ସେଥିପାଇଁ ଏହି ପ୍ରଶିକ୍ଷଣ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବରିଷ୍ଠ ଅଧିକାରୀ ମାନେ ପ୍ରଶିକ୍ଷାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣରେ ୧୫୦୩ ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନେ ପ୍ରଶିକ୍ଷଣ ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବିବିଧ କାରଣରୁ ଅନୁପସ୍ଥିତ ରହି ପ୍ରଶିକ୍ଷଣ ନେଇ ପାରି ନଥିବା ୨୬୮ଜଣ ଓ ନୂତନ ଭାବେ ୧୨୩୫ ଜଣଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନେ ଭାରତର ନିର୍ବାଚନ କମିଶନରଙ୍କ ମାର୍ଗଦର୍ଶିକା ଆଧାରରେ ଯେପରି ଶୃଙ୍ଖଳିତ ଭାବେ ନିର୍ବାଚନକୁ ପରିଚାଳନା କରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ବିଭିନ୍ନ ଫର୍ମ ପୂରଣ ସହ ଇଭିଏମ ଓ ଭିଭିପାଟ ର ବ୍ୟବହାର, ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନଙ୍କ ଦାୟିତ୍ୱ ଉପରେ ବିଷଦ ପ୍ରଶିକ୍ଷଣ ଦିଆଯାଇଥିଲା ।ଭଲ ଭାବରେ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ କୁ ଅଧ୍ୟୟନ ସହ କୌଣସି କ୍ଷେତ୍ରରେ ବୁଝିବାରେ ଅସୁବିଧା ହେଲେ ମାଷ୍ଟର ଟ୍ରେନର ମାନଙ୍କ ସହଯୋଗ ନେବାକୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକ ସଦର ମହକୁମାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଶରତ ଚନ୍ଦ୍ର ବେହେରା, ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ ପ୍ରମୁଖ ତଦାରଖ କରିଥିଲେ।


# ବରିଷ୍ଠ ସାମ୍ବାଦିକ ଗୌରହରି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଘଟଗାଁ, ୧୨ ଅପ୍ରେଲ (ହି.ସ.)- ଆନନ୍ଦପୁର ପୌରାଂଚଳର ଜନାର୍ଦ୍ଦନପୁର ଶାସନରେ ଆନନ୍ଦପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ସାମ୍ବାଦିକ ଗୌରହରି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ତାଙ୍କ ଦ୍ୱାଦଶାହ କର୍ମ ଅବସରରେ ଜନାର୍ଦ୍ଦନପୁର -ଶାସନ ସ୍ଥିତ ବାସ ଭବନରେ ଆୟୋଜିତ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ନେତୃ ବୃନ୍ଦଙ୍କ ସହ ପୂର୍ବତନ ମହିଳା କମିସନ ସଦସ୍ୟା ଆରତୀ ସିଂ, ବରିଷ୍ଠ ଗଣମାଧ୍ୟମର ପ୍ରତିନିଧି ନିରାକାର ଦଳେଇ, ମଦନ ପାଣି, ରତିକାନ୍ତ ସାହୁ, ଶତ୍ରୁଘ୍ନ ସାହୁ, ହରେକୃଷ୍ଣ ପାତ୍ର, ସତ୍ୟଜିତ୍ ସାହୁ ଓ ଆଇନଜିବୀ ମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ତତ୍ତ୍ୱାବଧାରକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ।

ଶନିବାର, ଏପ୍ରିଲ ୧୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ଜିଲ୍ଲାସ୍ତରୀୟ ଶିବିର ଅନୁଷ୍ଠିତ

ନୀଳଗିରି , ୧୨/୪ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ଏକ ଦିନିକିଆ ଫାଷ୍ଟଏଡ୍ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରର ଉଦଘାଟନୀ ଉତ୍ସବରେ ବାଲେଶ୍ୱର ଜିଲ୍ଲାଯୁବ ରେଡକ୍ରସର ଚେୟାରମେନ ତଥା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼ ଦିଲ୍ଲୀପ କୁମାର ଘୋଷ, ଜିଲ୍ଲା ଯୁବରେଡ କ୍ରସ୍ ର କନଭେନର ଡ ବିଭୁଦତ୍ତ ବେହେରା, ବାଲେଶ୍ୱର ଜିଲ୍ଲା ସଂଯୋଜକ ଅଧାପକ ସୁଧୀର ମୁଦୁଲି, ନୀଳଗିରି ମହିଳା ଜୁନିୟର ମହାବିଦ୍ୟାଳୟର କାଉନସେଲର୍ ଅଧାପକ ସତ୍ୟରଞ୍ଜନ ମିଶ୍ର ଯୋଗଦେଇ ରେଡକ୍ରସର ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ସେହିପରି ଉଦଘାଟନୀ ଉତ୍ସବ ପରେ ତାଲିମ ଶିବିରରେ ପ୍ରଶିକ୍ଷକ ରୂପେ ମାଣିଦା ମହାବିଦ୍ୟାଳୟ ମୟୁରଭଂଜର ଅଧାପକ ଡ ଦିଲ୍ଲୀପ କୁମାର ଭୋଇ ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର ଡ଼ିଗ୍ରୀ ମହାବିଦ୍ୟାଳୟ ପୁରୀ ର ଅଧାପିକା ଇତିଶ୍ରୀ ସୁନ୍ଦରା ଯୋଗଦେଇ ପ୍ରାଥମିକ ଉପଚାର ସମ୍ପର୍କିତ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଶିବିରରେ ସ୍ୱର୍ଣ୍ଣଚୁଡ ମହାବିଦ୍ୟାଳୟ ମିତ୍ରପୁର, ନୀଳଗିରି ମହାବିଦ୍ୟାଳୟ ନୀଳଗିରି, ସଂସ୍କୃତ ମହାବିଦ୍ୟାଳୟ ନୀଳଗିରି, ବରହମପୁର ଡ଼ିଗ୍ରୀ ମହାବିଦ୍ୟାଳୟ ବରହମପୁର, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ସନ୍ତରାଗଡିଆ, ନୀଳଗିରି ଜୁନିୟର ମହିଳା ମହାବିଦ୍ୟାଳୟ ନୀଳଗିରିର ଯୁବରେଡ କ୍ରସ ଛାତ୍ରଛାତ୍ରୀ ଓ କାଉନସେଲର ଯୋଗଦେଇ ଉକ୍ତ କାର୍ଯକ୍ରମକୁ ସଫଳ କରିଥିଲେ । ଶିବିର ପ୍ରାରମ୍ଭରେ ମହାବିଦ୍ୟାଳୟର କାଉନସେଲର ଡ ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ଦେଇଥିବାବେଳେ ଶେଷରେ ମହାବିଦ୍ୟାଳୟର ଅଧାପିକା ସୁଷମା ସିଂହ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଶିବିରରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଶେଷରେ ଏପରି କାର୍ଯକ୍ରମକୁ ସମସ୍ତ ଅତିଥି ଓ ପ୍ରଶିକ୍ଷକମାନେ ପ୍ରଶଂସା କରିଥିଲେ ।


## ବରିଷ୍ଠ ସାହିତ୍ୟିକ ଡ. ଭାଗବତ ବେହେରାଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ



ସତ୍ ସାହିତ୍ୟ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ଡ. ଭାଗବତ ବେହେରାଙ୍କ ଲିଖିତ ଦୁଇଗୋଟି ପୁସ୍ତକ 'ସପ୍ତଦଶନ୍ଧିର ଜୀବନ' ଓ 'କୈକେୟୀ' ହୋଟେଲ ଟପ୍ ଟେଷ୍ଟି (ଫାଣ୍ଡାସି)ରେ ୧୭.୦୪.୨୦୨୪ରିଖ ବୁଧବାର ଦିନ ସଂଧ୍ୟା ୫.୩୦ ମିନିଟରେ ଲୋକାର୍ପିତ ହେବ।

ଏଥିରେ ସଭାପତିତ୍ୱ କରିବେ ଡ. ରମାକାନ୍ତ ବେହେରା।

ଅତିଥି ଭାବେ ଡ. ବଂଶୀଧର ଚୌଧୁରୀ, ଡ. ଦେବାଶିଷ ପାତ୍ର, ଶ୍ରୀମତୀ ସୈରିନ୍ଧ୍ରୀ ସାହୁ

ଓ

ପୁସ୍ତକ ଆଲୋଚନା କରିବେ ଡ. ଶିରୀଶ ଚନ୍ଦ୍ର ଜେନା, ଡ. ରାଧାରଂଜନ ପଟ୍ଟନାୟକ।

ଉତ୍ସବ ପରିଚାଳନା କରିବେ ଡ.ପ୍ରଦୀପ୍ତ ମିଶ୍ର।

ଆପଣମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସବିନୟ ଅନୁରୋଧ।

ଶ୍ରୀମତୀ ଲାବଣ୍ୟବତୀ ବେହେରା
ଶ୍ରୀଯୁକ୍ତ ଗଜେନ୍ଦ୍ର ବେହେରା


# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ରାଜନୀତି ବିଭାଗର ଆଲୋଚନାଚକ୍ର




ଜଳେଶ୍ୱର , ୧୨/୪ (ନି.ପ୍ର): ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତର ଶାସନ ବ୍ୟବସ୍ଥା ପରିଚାଳନା ପାଇଁ ସ୍ଥାୟୀ ଓ ସୁଦୃଢ ସରକାର ଏବଂ ଅବାଧ ନିରପେକ୍ଷ ନିର୍ବାଚନର ଭୂମୀକା ଗୁରୁତ୍ୱପୂର୍ଣ୍ଣ ବୋଲି ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାସଭାରେ ମତପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ରାଜନିତୀ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ତଥା ସ୍ୱର୍ଣ୍ଣପଦକପ୍ରାପ୍ତ ଡ. ରାଜଶ୍ରୀ ଦତ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ଭାରତର ନିର୍ବାଚନ ପ୍ରଚାର, ସ୍ୱଚ୍ଛତା ଓ ନିତାୟୁକ୍ତ ଲାଗି ଗଣମାଧ୍ୟମ ହିଁ ଗୁରୁଭାବେ କାର୍ଯ୍ୟ କରିଥାଏ ବୋଲି କହିଥିଲେ । ସାମାଜିକ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ଛପା ଗଣମାଧ୍ୟମ ଭୋଟରଙ୍କ ଅତିନିକଟତର ହୋଇଥିବାରୁ ସେମାନେ ହିଁ ଗଣତନ୍ତ୍ର ରାଷ୍ଟ୍ରର ଗୁରୁ ପଦବାଚ୍ୟ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଅଭଣା କଲେଜର ରାଜନିତୀ ବିଭାଗ ମୁଖ୍ୟ ରଣଜିତ୍ ବେହେରା ଯୋଗ ଦେଇ ଗଣମାଧ୍ୟମର ଭୂମୀକା ସଂପର୍କରେ କହିଥିଲା । ମହାବିଦ୍ୟାଳୟର ରାଜନିତୀ ବିଭାଗର ମୁଖ୍ୟ ଅଧ୍ୟାପକ ଶ୍ରବଣ କୁମାର ନାଥ ଯୋଗଦେଇ ଆଜିର ସମାଜରେ ଏପରି ଆଲୋଚନାଚକ୍ର ନୂତନଭୋଟରଙ୍କୁ ପ୍ରଭାବିତ କରିବ ବୋଲି କହିଥିଲେ । ଇପ୍ସିତା ଦାସ ମଂଚ ଆହ୍ୱାନ କରିଥିବା ବେଳେ ଦିବ୍ୟଜ୍ୟୋତି ରଣା ପ୍ରାରମ୍ଭିକ ସଂଗୀତ ଗାନକରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶୁଭଶ୍ରୀ ନନ୍ଦୀ, ନମିତା ରଣା, ବୈଶାଖୀ ମହାନ୍ତି, ସୁସ୍ମିତା ଗିରି, ଉମେଶ ସାହୁ, ଅନିତା ଗିରି, ସୁଚିତ୍ରା କର, ଫାଗୁ ଟୁଡୁ, ରାଜେଶ ଦାସ, ସୁନେରା ଖାତୁନା, ସୁଭସ୍ମିତା ସାହୁ ପ୍ରମୁଖ ସନ୍ଦର୍ଭପାଠ କରିଥିଲେ । ଚନ୍ଦନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଶୋକ କୁମାର ରଥ ବେଦପାଠ କରିଥିଲେ ।

# ଅବକାରୀ ଚଡାଉ: ୫୫ ଲିଟର ଦେଶୀ ମଦ ଜବତ ୪ ଗିରଫ



ବାଲିଆପାଳ, ୧୨/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବାଲିଆପାଳ ଥାନା ଅଂଚଳରୁ ୫୫ଲିଟର ଦେଶୀ ମଦ ଜବତ କରିବା ସହିତ ଜଣେ ମହିଳା ଓ ୩ ଚୋରା ମଦ ବେପାରୀଙ୍କୁ ଗିରଫ କରିଛନ୍ତି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଞ୍ଚଳରେ ଦେଶୀ ମଦ ବେପାର ଦିନକୁ ଦିନ ବଢି ଚାଲିଛି ଯାହାକି ବାଲିଆପାଳରେ ଅବକାରୀ ବିଭାଗର ଅଫିସ ଥାଇ ମଧ କୌଣସି କାଯ୍ୟନୁଷ୍ଠାନ ହେଉ ନଥିବାର ଦେଖିବାକୁ ମିଳିଥିବାବେଳେ ନୂତନ କରି ଓ ଆଇ ସି ଅଶୋକ କୁମାର ପାତ୍ର ଆସିବା ପରେ ତିନି ଜଣିଆ ଟିମ ଶୁକ୍ରବାର ସକାଳ ସମୟରେ କାଚୁଆପଡା, ଖଗଡ଼ାପାଳ, ଦେଉଳା, କାଳିସିମୁଳି ଅଞ୍ଚଳରୁ ୫୫ଲିଟର ଦେଶୀ ମଦ ଜବତ କରିବା ସହିତ ୪ ଜଣକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡ଼ିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସାଲମା ମାଝି (୪୨), ଖଗେନ୍ଦ୍ର ପାତ୍ର(୫୬), ପ୍ରଧାନ ଟୁଡୁ (୫୦) ଓ ରାମଚନ୍ଦ୍ର ଜେନା (୪୦) । ଏହି ଚଡାଉରେ ବାଲିଆପାଳ ଅବିକାରୀ କାର୍ଯ୍ୟାଳୟର ଏ ଏସ ଆଇ ପିଙ୍କି ମାରାଣ୍ଡି ଓ କନେଷ୍ଟବଳ ସୁଭିରକାନ୍ତ ବେହେରା ଉପସ୍ଥିତ ଥିଲେ ।

# ୮୦ ଲିଟର ଦେଶୀ ମଦ ଜବତ: ବାଇକ ସହ ଜଣେ ଗିରଫ

ନୀଳଗିରି, ୧୨/୪ (ନି.ପ୍ର): ନିର୍ବାଚନକୁ ଆଖି ଆଗରେ ରଖି ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୮୦ ଲି ଦେଶୀ ମଦ ,ଗୋଟିଏ ଏଚଏଫ ଡିଲକ୍ସ ବାଇକ(ଓଡି-୦୧ବି-୭୧୯୭) ଓ ଜଣେ ମଦ ବ୍ୟବସାୟୀକୁ ଗିରଫ କରାଯାଇଛି ।ସୂଚନା ଅନୁଯାୟୀ ଦିନପ୍ରାୟ ୧୧ଟା ସମୟରେ ବରହମପୁର ଗ୍ରାମର ବଳରାମ ଦେହୁରୀ(୨୧) ଗୋଟିଏ ଏଚଏଫ ଡିଲକ୍ସ ବାଇକ ଯୋଗେ ୮୦ ଲିଟର ଦେଶୀ ମଦ ନେଇ ଯାଉଥିବା ବେଳେ ଗରଡିହି ଛକ ନିକଟରେ ରାସ୍ତାରୋକ ଅବକାରୀ ବିଭାଗ ଅଭିଯୁକ୍ତକୁ ଗିରଫ କରିବା ସହବାଇକ୍ ଓ ମଦ ଜବତ କରିଥିଲା। ଏନେଇ ୧୫/୨୪ରେ ରେ ଏକ ମାମଲ୍ଲା ରୁଜ୍ଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲଣ କରାଯାଇଛି । ଏହି ଚଢାଉରେ ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା,ଏଏସଆଇ ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ନାହାନ୍ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



# ୩ ମାସରେ ୧୦୬୦ କେଜି ଗଞ୍ଜେଇ ଜବତ କରିଛି ଆରପିଏଫ୍

ଭୁବନେଶ୍ୱର, ୧୨/୪ (ନି.ପ୍ର):ପୂର୍ବତଟ ରେଳବାଇ ରେଳ ସୁରକ୍ଷା ବଳ (ଆରପିଏଫ୍) ପକ୍ଷରୁ ଜାନୁଆରୀରୁ ମାର୍ଚ୍ଚ -୨୦୨୪ ମଧରେ ନିଷେଧ ସାମଗ୍ରୀ ଯଥା ଗଞ୍ଜେଇ ପରିବହନ ବିରୁଦ୍ଧରେ ବିଶେଷ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସମୟ ମଧରେ ୫୬ ଟି ମାମଲା ରୁଜୁ କରାଯାଇ ପ୍ରାୟ ୧୦୬୦ କେଜି ଗଞ୍ଜେଇ ଜବତ କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ୮୧,୨୧,୯୦୫ ଟଙ୍କା ହେବ। ଏହି ମାମଲାରେ ୮୮ ଜଣ ଲୋକଙ୍କୁ ଗିରଫ କରାଯାଇ ଏନଡିପିଏସ୍ ଅଧିନିୟମ ଅନୁଯାୟୀ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି।

# କଷାଫଳ ବକ୍ରେଶ୍ୱର ମନ୍ଦିରରେ ନୀଳ ପର୍ବ ଅନୁଷ୍ଠିତ: ଶତାଧିକ ଭକ୍ତା ଓ ଶ୍ରଦ୍ଧାଳୁଙ୍କ ସମାଗମ

ଲଙ୍ଗଳେଶ୍ୱର, ୧୨/୪ (ନି.ପ୍ର): ଏବେ ଚୈତ୍ର ମାସରେ ବିଭିନ୍ନ ଶୈବପୀଠରେ ଚଡକ ଉତ୍ସବ ବେସ୍ ଶ୍ରଦ୍ଧା ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହେଉଅଛି। ଭକ୍ତାମାନେ ନିଜର ମାନସିକ ପୂରଣ ପାଇଁ ନିତି ନିୟମ ରେ ବିଭିନ୍ନ ପର୍ବ ପାଳନ କରିଥାନ୍ତି। ତେବେ ସଦର ବ୍ଲକ କଷାଫଳ ପଞ୍ଚାୟତରେ ଥିବା ବକ୍ରେଶ୍ୱର ଶୈବ ମନ୍ଦିରରେ ଚଡକ ପର୍ବ ଅନୁଷ୍ଠିତ ହୋଇଥିଲା ବେଳେ ଆଜି ନୀଳପର୍ବ ବେସ୍ ଉତ୍ସାହ ଓ ଶ୍ରଦ୍ଧା ରେ ପାଳିତ ହୋଇଯାଇଛି। ଏହି ଚଡକ ଯାତ୍ରା ଗତ ୩୦ ତାରିଖ ରୁ ଆରମ୍ଭ ହୋଇ ୧୨ ତାରିଖ ରେ ଶେଷ ନିଳ ପର୍ବ ଅନୁଷ୍ଠିତ ହୋଇଥିଲା ବେଳେ ଆସନ୍ତା ଶନିବାର ଉଡାପର୍ବ ଅନୁଷ୍ଠିତ ହେବାକୁ ଥିବା କମିଟି ତରଫରୁ ସୂଚନା ମିଳିଛି। ତେବେ ଏହି ଯାତ୍ରା ରେ ଭକ୍ତା ମାନେ କଣ୍ଟା ପାଟ, ନିଆଁ ପାଟ ଓ ଝୁଲଣ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ବେସ୍ ମନମୁଗ୍ଧକର ହୋଇଥିଲା। ତେବେ ଶତାଧିକ ଭକ୍ତା ମାନସିକ ପୂରଣ ପାଇଁ ଚଡକ ଯାତ୍ରାରେ ସାମିଲ୍ ହୋଇଥିବା ବେଳେ ପାଟଭକ୍ତା ଅମୂଲ୍ୟ କୁମାର ଦାସ୍ , ଗୌରାଙ୍ଗ ବେହେରା, ଦିବାକର ମୁଖି , ମନ୍ମଥ ବେହେରା, ପ୍ରଦୀପ କୁମାର ପଣ୍ଡା ଓ ଚାରୁ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ପାଞ୍ଚହଜାରରୁ ଅଧିକ ଶ୍ରଦ୍ଧାଳୁ ନିଳ ପର୍ବ କୁ ଉପଭୋଗ କରିଥିଲେ।




# ଛାତରୁ ପଡ଼ି ପକ୍କା ମିସ୍ତ୍ରୀ ମୃତ

ନୀଳଗିରି, ୧୨/୪ (ନି.ପ୍ର): ଛାତରୁ ଚଢ଼ି ସେଣ୍ଟ୍ରିଂ କରୁଥିବା ବେଳେ ଗଳିପଡ଼ି ପକ୍କା ମିସ୍ତ୍ରୀ ମୃତ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ନୀଳଗିରି ଏନ୍ଏସି ୧୧ ନଂୱାର୍ଡ ଷ୍ଟେସନ ସାହି ଗ୍ରାମର ଶ୍ୟାମଚନ୍ଦ୍ର ବାସ୍କେଙ୍କ ପୁଅ ଶଙ୍କରା ବାସ୍କେ( ୫୨) ଜଣେ ପକ୍କା ମିସ୍ତ୍ରୀ ଭାବେ ଗତ ୩୦ବର୍ଷ ଧରି କାମ କରିଆସୁ ଥିଲେ। ଗୁରୁବାର ଦିନ ଉକ୍ତ କାମର ଠିକାଦାର ଶଙ୍କରା ମିସ୍ତ୍ରୀକୁ ନେଇ ନୀଳଗିରି ଉପଖଣ୍ଡ ଔପଦା ବ୍ଲକରେ ଥିବା ସରକାରୀ ଡାକ୍ତରଖାନାରେ ୨ ମହଲା ଛାତରେ ସେଣ୍ଟ୍ରି କରୁଥିବା ବେଳେ ଦିନ ପ୍ରାୟ ୩ ଟା ସମୟରେ ହଠାତ୍ ଛାତ ଭାଡା ଭାଙ୍ଗିଯିବାରୁ ଉପରୁ ତଳକୁ ଖସି ପଡ଼ିଥିଲେ। ପାଖରେ ଥିବା ଶ୍ରମିକ ତାଙ୍କୁ ସଙ୍ଗେ ସଙ୍ଗେ ଔପଦା ଡାକ୍ତର ଖାନାରେ ପାରମ୍ଭିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସିତ କରିଥିଲେ । ଚିକିତ୍ସିତ ଅବସ୍ଥାରେ ଗୁରୁବାର ରାତି ପ୍ରାୟ ୧୦ ଟା ସମୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା ଓ ଏହି ଖବର ପ୍ରଚାର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୁଣ୍ଡ ଓ କପାଳରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି ।ଶଙ୍କରା ଜଣେ ପରୋପକାରୀ, ମିଷ୍ଟ ଭାଷୀ, ମେଳାପି, ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କର ପୁତୁରା ଗୁରା ବାସ୍କେ ମୁଖାଗ୍ନି ଦେଇଥିଲେ । ତାଙ୍କର ସ୍ତ୍ରୀ, ୨ ଝିଅ ଓ ପୁଅ ଥିବା ଜଣା ପଡିଛି ଓମୃତ୍ୟୁ ପାଖରେ ଝିଅ, ଜ୍ୱାଇଁ, ନାତି, ନାତୁଣି, ପୁତୁରା, ଗ୍ରାମବାସୀ, ସ୍ଥାନୀୟ କାଉନସିଲର ସୁଲଚନା ଖଟୁଆ, ସ୍ଥାନୀୟ ନେତା ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ମେର୍ଦ୍ଦା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ




ବେତନଟୀ, ୧୨/୪ (ନି.ପ୍ର): ବେତନଟୀ ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ସପ୍ତମ ବୈଠକ ମେର୍ଦ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବରେ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଯୁକ୍ତ ନିରଞ୍ଜନ ସାହୁ ଯୋଗଦାନ କରି ବିଦ୍ୟାଳୟ ଓ ବିଦ୍ୟାର୍ଥୀ ଉଭୟ କିପରି ଭାବରେ ପରସ୍ପର ନିର୍ଭରଶୀଳ ତାହା କହିବା ସହିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ର ଓ ଛାତ୍ରୀ ମାନଙ୍କୁ ଗୋଟିଏ ସୁତ୍ର ରେ ବାନ୍ଧି ରଖିଲେ ବିଦ୍ୟାଳୟର ସାମଗ୍ରିକ ବିକାଶ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ। ଏହି ବୈଠକରେ ବାରିପଦା ଡାଏଟ ର ପ୍ରଶିକ୍ଷିକା ସାଗରିକା ମହାପାତ୍ର, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରମାକାନ୍ତ ମହାନ୍ତ, କ୍ଲବ ପ୍ରଶିକ୍ଷିକା ଶୁଭସ୍ମିତା ସୁତ୍ରଧର ପ୍ରମୁଖ ଯୋଗଦାନ କରିଥିଲେ। ବ୍ଲକ ର ଛତିସ ଟି ଉଚ୍ଚ ବିଦ୍ୟାଳୟ ରୁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।ମେର୍ଦ୍ଦା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମାଳତୀ ହେମ୍ବ୍ରମ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରଥମ ଥର ରକ୍ତଦାନ କରି ସମ୍ବର୍ଦ୍ଧିତ ହେଲେ ନିରୁପମା



ବାରିପଦା , ୧୨/୪ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୮ ନଂ ୱାର୍ଡର ଶଙ୍ଖପଟ୍ଟା ଅଂଚଳର ନିରୁପମା ଘଡେଇ ୫୦ ବର୍ଷ ବୟସରେ ପ୍ରଥମ ଥର ରକ୍ତଦାନ କରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ପଡୋଶୀ ରାଜ୍ୟ ଝାଡ଼ଖଣ୍ଡର ଜଣେ ରୋଗୀଙ୍କର ହଠାତ ରକ୍ତ ଦରକାର ପଡିଥିଲା ଓ ସେହି ସମୟରେ ସୋମନାଥ ସିଂହ ରକ୍ତ ଭଣ୍ଡାର କେନ୍ଦ୍ରରେ ଅନ୍ୟ ଏକ ରୋଗୀଙ୍କ ପାଇଁ ରକ୍ତଦାନ କରୁଥିଲେ ଓ ଡଃ ନିରୋଜ ପୋଥାଳଙ୍କ ଠାରୁ ଖବର ପାଇ ଶ୍ରୀମତୀ ଘଡେଇଙ୍କ ସହ ଯୋଗାଯୋଗ କରିଥିଲେ । ସେ ତୁରନ୍ତ ଆଗ୍ରହ ପ୍ରକାଶ କରି ରକ୍ତଦାନ କରି ଉକ୍ତ ରୋଗୀଙ୍କର ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଥିଲେ ଓ ରକ୍ତଦାନ ସମୟରେ ତାଙ୍କ ସ୍ୱାମୀ ପ୍ରଭାସ ଘଡେଇ, ରକ୍ତଦାତା ଓ ସମାଜସେବୀ ଡଃ ପୋଥାଳ, ସୋମନାଥ ସିଂହ, ନାରାୟଣ ସେବା ଟ୍ରଷ୍ଟର ରଣଜିତ ଦାସ, ପ୍ରତାପେଶ୍ୱର ଦାଶ, ରାଜେଶ କୁମାର ନନ୍ଦି, ଆଲୋକ କୁମାର ବାରିକ, ଓ ରକ୍ତ ଭଣ୍ଡାରର ପାର୍ଥ ସାରଥୀ ମହାନ୍ତ, ରୁଚିକା ଖୁରାନା ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ନାରାୟଣ ସେବା ଟ୍ରଷ୍ଟ ତରଫରୁ ନିରୁପମାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଜୀବନରେ ପ୍ରଥମ ଥର ରକ୍ତଦାନ କରି ସେ ଜଣଙ୍କର ଜୀବନ ବଞ୍ଚାଇ ପାରିଥିବାରୁ ବେଶ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି ।

# ବେଆଇନ ମୋରମ ବୋଝେଇ ଡମ୍ଫର ଜବତ

ବେତନଟୀ, ୧୨/୪ (ନି.ପ୍ର): ବେତନଟୀ ସୁବର୍ଣ୍ଣରେଖା କେନାଲ କାମରେ ନିୟୋଜିତ ଏକ ଡମ୍ଫର ଯୋଗେ ବେଆଇନ ମୋରମ ଚାଲାଣ ନେଇ ଖବର ପାଇବାପରେ ବେତନଟୀ ପୁଲିସ ପୁରିନ୍ଦା ଅଞ୍ଚଳରେ ଚଢାଉକରି ଜବତ କରିଥିବା ମୋରମ ବୋଝେଇ ଡମ୍ଫରରୁ ଜରିମାନା ଆଦାୟ କରିଛି ରାଜସ୍ୱ ବିଭାଗ। ହସ୍ତଗତ ସୂଚନା ମୁତାବକ ନିର୍ମାଣାଧୀନ ସୁବର୍ଣ୍ଣରେଖା କେନାଲ କାର୍ଯ୍ୟରେ ହଜାରହଜାର ଟ୍ରିପ ମୋରମ ବ୍ୟବହାର କରାଯାଉଥିବା ବେଳେ ମୋରମ ଉତ୍ତୋଳନ ଏବଂ ପରିବହନ ପାଇଁ କୌଣସି ପ୍ରକାର ସରକାରୀ ଅନୁମତି ନିଆଯାଉ ନାହିଁ । ଖୁଲ୍ଲମଖୁଲା ଦିନ ଦ୍ୱିପ୍ରହରରେ କେନାଲକାମ ନିମନ୍ତେ ହଜାର ହଜାର ଟ୍ରିପ ମୋରମ ଉତ୍ତୋଳନ ଏବଂ ପରିବହନ କରାଯାଉଛି । ଖବରପାଇ ଆଜି ଅପରାହ୍ନରେ ବେତନଟୀ ପୁଲିସ ପୁରିନ୍ଦା ଅଞ୍ଚଳରେ ଚଢାଉକରି ଓଡି-୦୧ଏଚ-୧୯୯୪ ନମ୍ବର ବିଶିଷ୍ଟ ଚୋରା ମୋରମ ବୋଝେଇ ଡମ୍ଫରକୁ ଜବତକରି ଥାନାକୁ ଅଣାଯାଇଥିଲା । ଏନେଇ ସମ୍ପୃକ୍ତ ଚୋରା ମୋରମ ବୋଝେଇ ଡମ୍ଫର ବାବଦକୁ ୧୫ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଥିବା ନେଇ ବେତନଟୀ ତ ହ ସିଲଦାର ସୁରଥଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo